### ଝାରସୁଗୁଡାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତର୍ଜମା

# ବିଶାଳ ଦାସ ଏବଂ ପିଆରଆଇ ମେମ୍ବରଙ୍କ ସହ ଆଲୋଚନା

**ଝାରସୁଗୁଡା, ୧୨ା୧(ସମିସ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଝାରସୁଗୁଡ଼ା ଗସ୍ତ କରିଛି। ବିଶାଳ ଦାସ ଏବଂ କିର୍ମିରା ବ୍ଲକର ପିଆରଆଇ ମେମ୍ବରଙ୍କ ସହ ଝାରସୁଗୁଡାର ଏକ ଘରୋଇ ହୋଟେଲରେ ଏହି କମିଟି ୨ ଘଣ୍ଟା ଯାଏଁ ଆଲୋଚନା କରିଛି। ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଏବଂ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ। କିର୍ମିରା ବ୍ଲକ ଅଧ୍ୟକ୍ଷା ଆସନ ବଞ୍ଚାଇବା ପାଇଁ ଅନାସ୍ଥା ଭୋଟ ପୂର୍ବରୁ ଓଡ଼ିଶା ସରକାର ଏବଂ ଛତିଶଗଡ଼ ସରକାର ସହ ଉଭୟ ରାଜ୍ୟର ପୁଲିସ ଏକ ଷଡଯନ୍ତ୍ର କରି ପିଆରଆଇ ମେମ୍ବର ଏବଂ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାଶଙ୍କ ପୁଅ ବିଶାଳ ଦାଶ ଓ କିଛି ବିଜେଡି କର୍ମୀଙ୍କୁ ଛତିଶଗଡ଼ର ସରେଇପାଲି ଥାନାରେ ଅଟକ ରଖିଥିଲେ। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି ଭୟଭୀତ କରିବାକୁ ପ୍ରୟାସ କରିଥିଲେ। ଏହି ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ପିଆରଆଇ ମେମ୍ବର, ବିଶାଳ ଓ ଅନ୍ୟ ବିଜେଡି କର୍ମୀ ମୁକୁଳିଥିଲେ। ତେବେ କିର୍ମିରାରେ ଅନାସ୍ଥା ଭୋଟ ସମୟ ଶେଷ ହେବା ପରେ ସମସ୍ତଙ୍କୁ ଛତିଶଡ଼ ପୁଲିସ ଛାଡିଥିଲା। ଅନାସ୍ଥା ଭୋଟପାଇଁ ନିର୍ଦ୍ଧାରିତ ସମୟରେ ପିଆରଆଇ ମେମ୍ବର ପହଞ୍ଚି ନ ପାରିବାରୁ ଅନାସ୍ଥା ନିର୍ବାଚନ ବାତିଲ ହୋଇଥିଲା। ଗଣତନ୍ତ୍ରର ଗଳାରୋଧ ପାଇଁ ବିଜେପି ରାଜନୀତିର କୁତ୍ସିତ ଗୋଟି ଚାଳନା କରିଥିଲା। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆକ୍ରୋଶମୂଳକ ଭାବନା ରଖି ବିଜେପି ଗଣତନ୍ତ୍ର ହତ୍ୟା କରିଥିବା ବୈଠକରେ ଆଲୋଚନା କରାଯାଇଛି। ପିଆରଆଇ ମେମ୍ବର ଏବଂ ବିଶାଳ ଦାସଙ୍କୁ ଛତିଶଗଡ଼ ପୁଲିସ ୧୭ ଘଣ୍ଟାରୁ ଅଧିକ ସମୟ ଅଟକ ରଖିଥିଲା। ଏଭଳିକି ତାଙ୍କୁ ପାଣି ପିଇବା ପାଇଁ ବା ଶୌଚ ଯିବା ପାଇଁ ମଧ ଦେଇ ନ ଥିଲା। ଉଦେଶ୍ୟମୂଳକ ଭାବରେ ବିଜେପି କରିଥିବା ଏହି ନିନ୍ଦନୀୟ କାର୍ଯ୍ୟ ଦ୍ୱାରା ଗଣତନ୍ତ୍ରର ହତ୍ୟା ହୋଇଛି। ଅନ୍ୟାୟ, ଅତ୍ୟାଚାର କରି ପିଆରଆଇ ମେମ୍ବରଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାରୁ ବଞ୍ଚିତ କରାଯାଇଛି। ବିଜେପିର ଏହିପରି ଅନ୍ୟାୟ ବିରୋଧରେ ଏକଜୁଟ ହୋଇ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବିଜେପି ଯେତେ ଅଧିକ ହଇରାଣ କରିବ ବିଜେଡି ସେତେ ଅଧିକ ଏକଜୁଟ ହେବ। ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଓଡ଼ିଶାବାସୀଙ୍କ ହିତ ପାଇଁ କାର୍ଯ୍ୟ ଜାରି ରଖିବ ବୋଲି ବୈଠକରେ ବରିଷ୍ଠ ନେତୃ ମଣ୍ଡଳୀ ପ୍ରକାଶ କରିଛନ୍ତି। ଏହାସହ ଅନୁଷ୍ଠିତ ଏହି ବୈଠକରୁ ସମସ୍ତ ରିପୋର୍ଟ ଗ୍ରହଣ କରି ଏହି ରିପୋର୍ଟକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହସ୍ତାନ୍ତର କରାଯିବ। ତାଙ୍କ ନିର୍ଦ୍ଦେଶରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବରିଷ୍ଠ ନେତୃ ମଣ୍ଡଳୀ ପ୍ରକାଶ କରିଛନ୍ତି। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ସୁଦର୍ଶନ ହରିପାଳ, ଦେବେଶ ଆଚାର୍ଯ୍ୟ, ଯୋଗେଶ ସିଂହ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅଳକା ମହାନ୍ତି, ଦୀପାଳି ଦାଶ, ବିଶାଳ ଦାଶଙ୍କ ସମେତ ଅନାସ୍ଥା ପ୍ରସ୍ତାବ ଦେଇଥିବା ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# ବନ୍ଧବାହାଲ ଧନୁଯାତ୍ରାରେ କୃଷ୍ଣଙ୍କ ନାବକେଳି

**ଇବଥର୍ମାଲ, ୧୨ା୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ପ୍ରସିଦ୍ଧ ଧନୁଯାତ୍ରାରେ କୃଷ୍ଣ ନାବକେଳି କରିଛନ୍ତି। ଗୋଟିଏ ପଟେ ମହାରାଜ କଂସଙ୍କ ପରାକ୍ରମ ଅଟ୍ଟହାସ୍ୟରେ ମଥୁରାନଗରୀ ପ୍ରକମ୍ପିତ ହେଉଥିବା ବେଳେ ଅନ୍ୟପଟେ ଗୋପପୁରରେ କୃଷ୍ଣ ବଳରାମଙ୍କ ବାଲ୍ୟଲୀଳା ଚାଲିଛି। ମନ ଆନନ୍ଦରେ ଶ୍ରୀକୃଷ୍ଣ ପ୍ରେମମୟୀ ରାଧାଙ୍କ ସହ ଯମୁନାରେ ନାବକେଳି କରିଥିଲେ। ଅନ୍ୟପଟେ ମହାରାଜ କଂସ ନଗର ଭ୍ରମଣରେ ଯାଇ ବନ୍ଧବାହାଲ ଫାଣ୍ଡିରେ ପହଞ୍ଚିଥିଲେ। ବନହରପାଲି ଆଇଆଇସି ରଞ୍ଜିତ ନାଏକ ଓ ଫାଣ୍ଡି ଅଧିକାରୀ ଶରତ ଦ୍ୱିବେଦୀ ତାଙ୍କୁ ସ୍ୱାଗତ କରିଥିଲେ। ମହାରାଜ ମଥୁରା ନଗରୀର ଆଇନ ଶୃଙ୍ଖଳା ଉପରେ ପଚାରି ବୁଝିବା ସହ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା ସହ ପକେଟ ମାର ଯେମିତି ନ ହେବ ସେଥିପାଇଁ ପୁଲିସ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଦରବାରରେ ପହଞ୍ଚିବା ପରେ ବାରବାରରେ 'ତତେ ମାରିବ ଯିଏ, ଗୋପରେ ବଢୁଛି ସିଏ' ଶୂନ୍ୟବାଣୀ ଶୁଣି ବିବ୍ରତ ହୋଇ ପଡ଼ିଥିଲେ। ତେବେ କଂସ ଦରବାରରେ ଏମସିଏଲ ସିଏମଡି ଉଦୟ ଅନନ୍ତ କାଉଲେ, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ ଝା, ଇବଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅବଦ ପାଣ୍ଡେ, ଓରିଏଣ୍ଟ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଜୟ ନାମଯୋଷୀ, ବସୁନ୍ଧରା କୋଇଲା କ୍ଷେତ୍ର ମହାପ୍ରବନ୍ଧକ ବି ରେଡ୍ଡି, ମହାଲକ୍ଷ୍ମୀ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସତ୍ୟଜିତ୍ ଓଝା ଯୋଗ ଦେଇଥିଲେ। ରଘୁନନ୍ଦନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରେମାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ସିଂହ, ବିଜୟପରିଡ଼ା, ବିରଞ୍ଚି ପ୍ରଧାନ, ତେଜରାଜ ବହିଦାର, ବିଜୟ ପତି, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ପ୍ରସିଦ୍ଧ ଧନୁଯାତ୍ରାରେ ମହାରାଜ କଂସଙ୍କ ଦରବାରରେ ରାଜ ଅତିଥିଗଣ ଓ କଳାକାର ଗଣ

# ଶିରିଆପାଲି ସରକାରୀ ଉନ୍ନିତ ହାଇସ୍କୁଲର ବାର୍ଷିକ ଉତ୍ସବ

**କୋଲାବିରା, ୧୨ା୧(ସମିସ):** କୋଲାବିରା ବ୍ଲକ ଶିରିଆପାଲିସ୍ଥିତ ସରକାରୀ ଉନ୍ନିତ ହାଇସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଝଙ୍କାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ପଟେଲ, ସମ୍ମାନୀତ ଅତିଥି ଭାବରେ ପରମାଣପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରପାଳ ମେହେର, ସମିତି ସଭ୍ୟା ରମ୍ଭାବତୀ ଭୁଏ, କୃଷ୍ଣ ଶର୍ମା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମକରଧ୍ୱଜ ପଟେଲ, ଜୟକୃଷ୍ଣ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷୟତ୍ରୀ ସଙ୍ଗୀତା ପାଣ୍ଡେ ଓ ଶିକ୍ଷକ ବାବୁ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଆରଏଲ୍ କ୍ରୋସାକି ଫୁଟବଲ କପ୍ ଉଦ୍‌ଯାପିତ: କଲିକତା ଦଳ ଚାମ୍ପିଅନ



**ଝାରସୁଗୁଡା, ୧୨ା୧(ସମିସ):** ଝାରସୁଗୁଡା ଜିଲ୍ଲା ଗୁମାଡେରା ଟିଆରଏଲ ଷ୍ଟାଡିୟମରେ ଚାଲିଥିବା ନ୍ୟାସନାଲ ଲେଭେଲ ଟିଆରଏଲ କ୍ରୋସାକି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ସାଇ ହାଲ ସୁନାବେଡା ଦଳ ଏବଂ ୱେଷ୍ଟବେଙ୍ଗଲ ପୁଲିସ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ପ୍ରତିଯୋଗିତାରେ ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହା ଫଳରେ ମ୍ୟାଚ ଡ୍ର ହୋଇଥିଲେ। ଏହାପରେ ଉଭୟ ଦଳ ମଧ୍ୟରେ ପେନାଲ୍ଟି ସୁଟ୍ ଆଉଟ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି ସୁଟ୍ ଆଉଟରେ ୱେଷ୍ଟ ବେଙ୍ଗଲ ପୁଲିସ କଲିକତା ଦଳ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ବିଜୟୀ ୱେଷ୍ଟବେଙ୍ଗଲ ପୁଲିସ କାଲିକତା ଦଳକୁ ୧ ଲକ୍ଷ ଟଙ୍କା ଏବଂ ଟ୍ରଫି ଓ ଉପବିଜେତା ସାଇ ହାଲ ସୁନାବେଡା ଦଳକୁ ୭୦ ହଜାର ଟଙ୍କା ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଛି। ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ପ୍ରତିଯୋଗିତାରେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

### ଏକଦିବସୀୟ ଫୁଟବଲ ପ୍ରତିଯୋଗିତା

# ପରମାଣପୁର ଖୁଲିଆ ଚାମ୍ପିଅନ

**ଦେବଗଡ଼, ୧୨ା୧(ସମିସ):** ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ମନୋରମା କ୍ଲବ୍ ଆନୁକୂଲ୍ୟରେ ୮ଟି ଦଳକୁ ନେଇ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଜେପି ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ କୁଣ୍ଡାପିଠା ଓ ପୁରୁଣାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୨-୦ ଗୋଲରେ ପୁରୁଣାପାଣି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଦେବଗଡ଼ ଓ ଟେରେଣ୍ଡାକଟା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ୧-୦ ଗୋଲରେ ଟେରେଣ୍ଡାକଟା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଝାରସୁଗୁଡା ଓ ପରମାଣପୁର ଖୁଲିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୧-୦ ଗୋଲରେ ପରମାଣପୁର ଖୁଲିଆ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ କୁଚିଣ୍ଡା ଲାଡ ଓ ସମ୍ବଲପୁର ମାଛୁଣି ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ବଲପୁର ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ ଟେରେଣ୍ଡାକଟା ଓ ପୁରୁଣାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକର ସୁଟଆଉଟ ଜରିଆରେ ୫/୪ ଗୋଲରେ ପୁରୁଣାପାଣି ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସମ୍ବଲପୁର ଏଫସି ଓ ପରମାଣପୁର ଖୁଲିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୨-୦ ଗୋଲରେ ପରମାଣପୁର ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ ପରମାଣପୁର ଖୁଲିଆ ସହିତ ପୁରୁଣାପାଣି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଟାଇବ୍ରେକର ଜରିଆରେ ପରମାଣପୁର ଦଳ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମଚ୍ଛିନ୍ଦ୍ର ନାଏକ, କିଶୋର ବେହେରା, ରମଣି ରଞ୍ଜନ ଆଚାର୍ଯ୍ୟ, ରୂପକ ମାଝି, ରୋମାଞ୍ଚିଳ ବେହେରା, ପ୍ରଦୀପ ବେହେରା, ରତ୍ନାକର ପଟ୍ଟନାୟକ, ଯୋଗେଶ ନାଏକ, ସନ୍ତୋଷ ଦାସ, ରିତେଶ ନାଏକ, ସରୋଜ ନାଏକ, ଦିଲ୍ଲୀପ ଘଡେଇ, ବୁନୁ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଗୋଳାବନ୍ଧରୁ ଚୋରି ଟ୍ରକ୍ ବିଞ୍ଝବାହାଲରୁ ଉଦ୍ଧାର

**ଦେବଗଡ଼, ୧୨ା୧(ସମିସ):** ବାରକୋଟ ଥାନା ଗୋଳାବନ୍ଧ ଗ୍ରାମ ନିକଟସ୍ଥ ଏକ ଢାବା ନିକଟରୁ ରବିବାର ସକାଳେ ଚୋରି ହୋଇଥିବା ଏକ ଲୁହାପଥର ବୋଝେଇ ଟ୍ରକ ଉଦ୍ଧାର ହୋଇଛି। ବାରକୋଟ ଥାନା ପୁଲିସ ବିଞ୍ଝବାହାଲ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରୁ ଏହାକୁ ଉଦ୍ଧାର କରିଛି। ଏହା ସହ ଗାଡି ଚୋରି କରି ନେଇ ଫେରାର ହେଉଥିବା ଚୋରକୁ ଅଟକ ରଖି ପଚରାଉଚୁରା କରୁଛି। କେନ୍ଦୁଝର ଜିଲ୍ଲା ବଡହଲ ଗ୍ରାମର ତପନ ପାଣିଙ୍କ ଟ୍ରକ (ଓଆର ୦୯ ପି ୦୩୭୩)କୁ ଶନିବାର ସନ୍ଧ୍ୟାରେ ଚାଳକ ଅଶୋକ ସାହୁ ଚଳାଇ ବାରକୋଟ ଅଭିମୁଖେ ବାହାରିଥିଲେ। ତେବେ ରାତିରେ ନିଦ ହେବାରୁ ଅଶୋକ ଗୋଳାବନ୍ଧ ଗ୍ରାମ ନିକଟସ୍ଥ ଏକ ଢାବାରେ ରଖି ଶୋଇ ଯାଇଥିଲେ। ଭୋର ୪ଟାରେ ଗାଡି ମାଲିକ ତପନ ଜିପିଏସ ମାଧ୍ୟମରେ ଗାଡି ଚାଲୁଥିବା ଜାଣିବାକୁ ପାଇଥିଲେ। ସେ ଚାଳକ ଅଶୋକଙ୍କୁ ଫୋନ୍ କରିଥିଲେ। ଅଶୋକ ନିଦରୁ ଉଠି ଗାଡି ରଖିଥିବା ସ୍ଥାନରେ ଟ୍ରକ୍ ନ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଏହାପରେ ତୁରନ୍ତ ସେ ମାଲିକଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ଗାଡିଟି ବାରକୋଟ ଅଭିମୁଖେ ଯାଉଥିବା ଜିପିଏସ ମାଧ୍ୟମରେ ଜଣା ପଡ଼ିଥିଲା। ଖବର ପାଇ ବାରକୋଟ ଥାନା ପୁଲିସ ତୁରନ୍ତ ବାରକୋଟ ନିକଟରେ ସଜାଗ ରହିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡିଟି ଆସି ନ ଥିଲା। ଏହାପରେ ପୁଲିସ ଗୋଳବନ୍ଧ ଅଭିମୁଖେ ବାହାରିଥିଲା। ବଡ଼କୁଦର ଟୋଲ ପ୍ଲାଜା ପୂର୍ବରୁ ଟ୍ରକକୁ କେନ୍ଦୁଝର ରାସ୍ତା ପଟେ ନେଇ ପଳାଉଥିବା ପୁଲିସ ଜାଣିଥିଲା। ଏହାପରେ ପୁଲିସ ଗୋଡ଼ାଇ ଗୋଡ଼ାଇ ବିଞ୍ଝବାହାଲ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରୁ ଟ୍ରକକୁ ଧରିଥିଲା। ଦୁର୍ବୃତ୍ତକୁ କାବୁ କରି ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରିଛି।

# ରୟତି ଜମିରୁ ଗଛକଟାକୁ ନେଇ ବିବାଦ

**କୋଲାବିରା, ୧୨ା୧(ସମିସ):** ୪୯ ନମ୍ବର ରାଜପଥର ବାଇପାସ ରାସ୍ତା ନିର୍ମାଣ ଚାଲିଛି। ତେବେ କୋଲାବିରା ଫରେଷ୍ଟ ରେଞ୍ଜ ଶିରିଆପାଲି ବିଟ୍ ଅଧୀନ ଖୁନାପାଲି ଗ୍ରାମ ନିକଟରେ ରାସ୍ତା ନିର୍ମାଣ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ଥିବା ଏକ ଶାଳ ଗଛକୁ କାଟିଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଅଏଁଲାମାଲ ଗ୍ରାମର ପ୍ରଫୁଲ୍ଲ ସାହୁ ତାଙ୍କ ରୟତି ଜମିରୁ ଗଛ କଟାଯାଇଥିବା ଥାନାରେ ଏତଲା ଦେଇଛନ୍ତି। ଏହାପରେ କୋଲାବିରା ପୁଲିସ ଓ ବନ ଅଧିକାରୀ ଘଟଣାର ତଦନ୍ତ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ବନ ବିଭାଗ କର୍ପୋରେସନ ପକ୍ଷରୁ ଗଛ କଟା ଚାଲିଛି। ପୂର୍ବରୁ ଚିହ୍ନଟ ହୋଇଥିବା ଗଛ କଟାଯାଉଥିବା ବେଳେ ହୁଏତ ଭୁଲ୍‌ରେ ଚିହ୍ନଟ ବାହାରେ ରହିଥିବା ଏକ ଗଛକୁ କଟାଯାଇଥିବା ବନ ବିଭାଗ ସ୍ୱୀକାର କରିଛି। କର୍ପୋରେସନ ଅଧିକାରୀ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ ଏ ନେଇ ଶେଷରେ ବୁଝାମଣା ହୋଇଛି ବୋଲି ଶିରିଆପାଲି ବନପାଳ ରାଜକିଶୋର ଦାସ କହିଛନ୍ତି।

### ସାର୍ବଜନିନ ଗଣେଶ ମେଳା କମିଟିର କାର୍ଯ୍ୟକାରିଣୀ ବୈଠକ

# ମୂର୍ତ୍ତି ସ୍ଥାପନ ପାଇଁ ପୌରାଧ୍ୟକ୍ଷା ଦେଲେ ଏକଲକ୍ଷ ଟଙ୍କା

**ଦେବଗଡ଼, ୧୨ା୧(ସମିସ):** ସାର୍ବଜନିନ ଗଣେଷ ମେଳା କମିଟିର କାର୍ଯ୍ୟକାରିଣୀ ବୈଠକ ହୋଟେଲ ରୌନକ ପ୍ଲାଜା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଉମାଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଣେଷଙ୍କ ସ୍ଥାୟୀ ମଣ୍ଡପ ଓ ମୂର୍ତ୍ତି ସ୍ଥାପନ ନିମନ୍ତେ ପାଣ୍ଠି ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇ ଉପସ୍ଥିତ କାର୍ଯ୍ୟକାରିଣୀ ସଦସ୍ୟ ଓ ଅତିଥିଙ୍କ ଠାରୁ ପାଣ୍ଠି ସଂଗ୍ରହ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ସ୍ଥାୟୀ ଗଣେଷ ମଣ୍ଡପ ଓ ମୂର୍ତ୍ତି ସ୍ଥାପନ ନିମନ୍ତେ ଏକଲକ୍ଷ ଟଙ୍କା କମିଟିକୁ ପ୍ରଦାନ କରିଥିଲେ।ସେହିପରି ବିଶିଷ୍ଟ ବ୍ୟବସାୟୀ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ମଧ୍ୟ ଏକ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ ସେହିପରି ଉପସ୍ଥିତ ଆଇନଜୀବୀ ଜୟଭଗବାନ ଅଗ୍ରୱାଲ, ମନୋଜ କୁମାର ପାଢ଼ୀଙ୍କ ସମେତ ବହୁ ସଦସ୍ୟ ଶ୍ରୀ ଗଣେଷଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ସହଯୋଗର ହାତ ବଢ଼ାଇଥିଲେ। ଏହି ଅବସରରେ କମିଟିର ଏକ ଛଅ ଜଣିଆ ପ୍ରତିନିଧି ଦଳ ରାଜସ୍ଥାନ ଗସ୍ତ କରି ମାର୍ବଲ ମୂର୍ତ୍ତି ଚୟନ କରିବା ସହ ରାଜ୍ୟ ବାହାରର ଅଭିଜ୍ଞ ଆର୍କିଟେକ ସହଯୋଗରେ ଗଣେଷଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, ଉପ ସଭାପତି ଜନ୍ମଜୟ ନାୟକ, ପୂର୍ବତନ ସଭାପତି ସୁଶୀଲ କୁମାର କପରଦାର, ସିଦ୍ଧାର୍ଥ ଗୁରୁ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢ଼ୀ, ଜୟ ଭଗବାନ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ସାହୁ, ପବନ କୁମାର ଗୋଏଲ, ମୋହନ କୁମାର ଅଗ୍ରୱାଲ, ସଞ୍ଜୀବ କୁମାର ଅଗ୍ରୱାଲ, କ୍ଷିତୀଶ କୁମାର ପ୍ରଧାନ, ସୂର୍ଯ୍ୟକାନ୍ତ ଭୋଇ, ସୁବାଷ ଚନ୍ଦ୍ର ଭୋଇ, ଯତୀନ କୁମାର ନାୟକ, ସୁଜିତ କୁମାର ପାତ୍ର, ଗୌତମ ସାମଲ, ପ୍ରତାପ କିଶୋର ନାୟକ, କୃଷ୍ଣ ଚନ୍ଦ୍ର ମେହେର, ଯୋଗେଶ ଚନ୍ଦ୍ର ପ୍ରଧାନ, ଅମରେନ୍ଦ୍ର ଗଙ୍ଗଦେବଙ୍କ ସମେତ ଗଣେଷ ମେଳା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼, ୧୨ା୧(ସମିସ):** ଦେବଗଡ଼ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅତିଥି ଭାବରେ ଅନୁଗୁଳର ଶିକ୍ଷାବିତ୍ ରଣଜିତ୍ ପଟ୍ଟନାୟକ, ଡେପୁଟି କଲେକ୍ଟର ମମତାଜ ମହାରଣା, ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ଦେହୁରୀ, ଦିଲ୍ଲୀପ ସାହୁ, ଯୋଗେଶ୍ୱର ସାହୁ, ଦିନେଶ ବାଗ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା କଦିନେଶ ବାଗଙ୍କ ନିର୍ଦ୍ଦେଶିତ 'ପେଟେଣ୍ଟ ମେଡିସିନ' ଓ ଲୋକନାଥ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ନାଟକ 'ବୋଉ' ପ୍ରଦର୍ଶିତ ହୋଇଥିଲା। ଶେଷରେ ଛାତ୍ରଛାତ୍ରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

# ଦେବଗଡ଼ ଜିଲ୍ଲା ଠିକାଦାର ସଂଘର ବୈଠକ

**ଦେବଗଡ଼, ୧୨ା୧ (ସମିସ):** ଦେବଗଡ଼ ଜିଲ୍ଲା ଏ ଓ ବି ଶ୍ରେଣୀ ଠିକାଦାର ସଂଘର କାର୍ଯ୍ୟକାରୀ କମିଟିର ବୈଠକ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬ କୋଟି ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ଠିକା କାମରେ ବାହାର ଜିଲ୍ଲା ଠିକାଦାରଙ୍କୁ କାମ ନ କରାଇଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମେ ବାହାର ଜିଲ୍ଲା ଠିକାଦାରଙ୍କୁ ଭାଗ ନ ନେବାକୁ ଅନୁରୋଧ କରାଯାଇଛି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ କେବଳ ଏ ଓ ବି ଶ୍ରେଣୀ ନୁହେଁ; ସି ଓ ଡି ଶ୍ରେଣୀର ଠିକାଦାର ମଧ୍ୟ ଉପକୃତ ହେବେ। ବୈଠକରେ ବରିଷ୍ଠ ଠିକାଦାର ଙ୍କ ସୁଜିତ ପ୍ରଧାନ, ନିରଞ୍ଜନ ମହାପାତ୍ର, ନିହାର ରଞ୍ଜନ ପଟେଲବ, ଅନୁପମ ମୋଦୀ, ସ୍ୱସ୍ତିକ ମହାପାତ୍ର, ନିରୁପମ ପାଣିଗ୍ରାହୀ, ମୁକେଶ ମହାପାତ୍ର, ଆଲୋକ ରଞ୍ଜନ ପ୍ରଧାନ, ଓ ଶିବାନନ୍ଦ ଗଡ଼ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦଙ୍କ ଜୟନ୍ତୀ





**ଝାରସୁଗୁଡା/ବନ୍ଧବାହାଲ, ୧୨ା୧(ସମିସ)**

ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଧବଭବନ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ପଧାନ, ସମ୍ମାନୀତ ଅତିଥି ଭାବରେ ଅଭିନ୍ନ ରାଉତ, ଆଲୋକମୟୀ ଦାସ ଉପସ୍ଥିତ ଥିଲେ। ଝସକେତନ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଛନ୍ତି। ସପ୍ତମ ଶ୍ରେଣୀର ଛାତ୍ରୀ ରୋଶନୀ ସାହୁ ଓ ଆରାଧ୍ୟା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଶ୍ରେଣୀର ଅଙ୍କୁଶ ସା, ପଞ୍ଚମ ଶ୍ରେଣୀର ଅଭିଲିପ୍ସା ସାହୁ, ସପ୍ତମ ଶ୍ରେଣୀର ଛାତ୍ରୀ ସ୍ୱାଗତିକା ଦାସ, ବରିଷ୍ଠ ଶିକ୍ଷକ ହିମାଚଳ ପ୍ରଧାନ ଓ ଶିକ୍ଷୟତ୍ରୀ ପଙ୍କଜିନୀ ସା ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବ୍ରଜରାଜନଗର:** ବ୍ରଜରାଜନଗର ଲମଟିବାହାଲସ୍ଥିତ ବିବେକାନନ୍ଦ ଶିକ୍ଷାଶ୍ରମ ଉଚ୍ଚ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଣବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବିଜେପି ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଅନିଲ ନାୟକ, ଜିତେନ୍ଦ୍ର ପଟ୍ଟନାୟକ, ମନୋରମା ସାହୁ, ସୁରେନ୍ଦ୍ର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ସୁନିଲ ରଥ, ସୁଶୀଲା ଦୀପ ମଞ୍ଚାସୀନ ଥିଲେ। ପ୍ରଦୀପ ରଥ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାପାତ୍ର ଧନ୍ୟବାଦ୍ ଦେଇଥଲେ। ଶୈଳବାଳା ପ୍ରଧାନ, ଅଙ୍ଗଦ ପ୍ରଧାନ, ସୁରଭି ପଟେଲ, ଜିତେନ୍ଦ୍ର ସରକାର, ଚେତନ ସିଂହ, ଗୌତମ ମାଝୀ, ନେତ୍ରା ନନ୍ଦ କଟା, ଦିଲୀପ ପ୍ରଧାନ ଓ ଅନିଲ ସାମଲ ଉପସ୍ଥିତ ଥିଲେ।

**ଦେବଗଡ଼:** ବାରକୋଟସ୍ଥିତ ସ୍ନାତକ ମହାବିଦ୍ୟାଳୟ ଯୁବ ରେଡ଼କ୍ରସର ରେଡ୍ ରିବନ କ୍ଲବ୍ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ସୋନାଲି ସାହୁ, ଅଧ୍ୟାପିକା ତାପସ୍ୱିନୀ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।



## ବିଭିନ୍ନ ସ୍ଥାନରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ

# 'ଯୁବ ସମାଜର ପ୍ରେରଣା ଥିଲେ ବିବେକାନନ୍ଦ'












**ସମ୍ବଲପୁର, ୧୨।୧(ସମିସ)**

ବଡ଼ବଜାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଉତ୍ସବ ଓ ଯୁବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ବବିତା ଦାସଙ୍କ ଅଧ୍ୟକ୍ଷତାରେ ସମାରୋହରେ ମୁଖ୍ୟଅତିଥି ଭାବେ ସମାଜସେବୀ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ସ୍ୱାମୀ ବିବେକାନନ୍ଦ ଭାରତୀୟ ମହାନ୍ ସଂସ୍କୃତିର ପ୍ରଚାରକ ହେବା ସଙ୍ଗେସଙ୍ଗେ ଯୁବସମାଜର ପ୍ରେରଣାର ଉତ୍ସ ଥିଲେ ବୋଲି କହିଥିଲେ। ଅରବିନ୍ଦ ଘୋଷ, ହେମଚନ୍ଦ୍ର ଘୋଷ, ମହାତ୍ମା ଗାନ୍ଧି ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ପ୍ରମୁଖ ଅସଂଖ୍ୟ ମୁକ୍ତି ସଂଗ୍ରାମୀ ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ପ୍ରେରଣା ପାଇ ଦେଶ ସ୍ୱାଧୀନତା ସଂଗ୍ରାମରେ ବ୍ରତୀ ହୋଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ତୃପ୍ତି ମାଝୀଙ୍କ ପରିଚାଳନାରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସନ୍ତୋଷିନୀ ସୁନା ଓ ସୁଶ୍ରୀ ପରୱୀନ୍ ନିଶା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଜ୍ଞାନୀ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।

**ନାକଟିଦେଉଳ:** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ରର ସହାୟତାରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର ସାହୁଙ୍କ ସଭାପତିତ୍ୱରେ ସମାରୋହରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ମାରିଆନୁସ୍ ବିଲୁଙ୍ଗ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୀପେନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଗୋବର୍ଦ୍ଧନ ସାହୁ ଯୋଗଦେଇଥିଲେ। ଡିଇଓ ବିଶ୍ୱଜିତ ସାହୁ ସଭା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରିପନ ସାହୁ, ରାକେଶ ସାହୁ ଓ ପାୟଲ ପରିମିତା ପ୍ରଧାନ ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତା ବିଷୟରେ ବକ୍ତବ୍ୟ ରଖିଥିଲେ। ଯୁକ୍ତତିନି ଛାତ୍ର ମୁନା ପେଣ୍ଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

**ରେଢ଼ାଖୋଲ:** ବ୍ଲକ ଅଧୀନ କଦଳୀଗଡ଼ ପଞ୍ଚାୟତସ୍ଥିତ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ୍ ଏବଂ ରେଡରିବନ କ୍ଲବ୍ ତରଫରୁ ଜାତୀୟ ଯୁବ ଦିବସ ପାଳିତ ହେଇଯାଇଛି। ୟୁଥ୍ ରେଡକ୍ରସ୍ ସଂଯୋଜକ ବୈନତେୟ ସାହୁଙ୍କ ସଂଯୋଜନାରେ ଏବଂ ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ଶାସନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ନାକଟିଦେଉଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ମୁଖ୍ୟବକ୍ତା ଭାବେ କଲେଜ୍ ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ହୋତା ଏବଂ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଶଙ୍କର୍ଷଣ ମହାକୁଡ଼ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ତରଫରୁ ଯୁବ ସାମ୍ବାଦିକ ତପନ ବିଶ୍ୱାଳ, ପ୍ରସନ୍ନ ପ୍ରଧାନ, ଯଶୋବନ୍ତ ସାହୁ, ଅନୀଲ ପୃଷ୍ଟି, କନ୍ଦର୍ପ ବେହେରା, ଶଙ୍କର୍ଷଣ ମହାକୁଡ, ଧ୍ରୁବଚରଣ ଦାସ, ସୁଶାନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇତିହାସ ଅଧ୍ୟାପକ ବୈନତେୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଅସୀମା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ସମ୍ବଲପୁର:** ନ୍ୟାସନାଲ୍ ମେଡିକୋ ଅର୍ଗାନାଇଜେସନ୍ (ଏନଏମଓ) ଓଡ଼ିଶ. ପଶ୍ଚିମ ଶାଖାପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷା ଏବଂ ରାଷ୍ଟ୍ର ଗଠନରେ ଦେଶର ଯୁବପିଢ଼ିଙ୍କ ଅଦ୍ୱିତୀୟ ଭୂମିକାକୁ ସ୍ମରଣ କରିବାର ଉଦ୍ଦେଶ୍ୟରେ ବୁର୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ ତଥା ତାଲିମ କେନ୍ଦ୍ରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅନେକ ଡାକ୍ତର, ଛାତ୍ର ଓ ଯୁବକ ଅଂଶଗ୍ରହଣ କରିଥିଲେ। ଏନ୍‌ଏମଓରେ ଡା. ସଞ୍ଜୀବ ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଆମକୁ ନିଜ ବୃତ୍ତି ମାଧ୍ୟମରେ ଦେଶ ସେବାର ପ୍ରେରଣା ଦେଉଛି ବୋଲି କହିଥିଲେ। ଏନଏମଓ ସଦସ୍ୟ ଡ. ଖିରୋଜ, ଡ. ସ୍ୱାଗତିକା, ଡ. ମୃଣାଳିନୀ ଓ ଡ. ଜ୍ୟୋତି କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ।

**ସମ୍ବଲପୁର:** ଏବିସିଡି ଚାରିଟେବଲ ଟ୍ରଷ୍ଟ ତରଫରୁ ତପସ୍ୱନୀ ପ୍ରେକ୍ଷାଳୟରେ ରାଜ୍ୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ସିଏ ଆସୋସିଏସନର ଉପ ସଭାପତି ନବୀନ ତିୱାରୀ ଓ ସମାଜସେବୀ ରାମଦାସ ପଣ୍ଡା ଓ ହୀରାକୁଦ ମହାବିଦ୍ୟାଳୟ ଅଧପକ ସିଦ୍ଧାନ୍ତ ମହାନ୍ତି ଯୋଗ ଦେଇଥିଲେ। ରାଜ୍ୟରୁ ୩୦୦ରୁ ଅଧିକ ଯୁବବର୍ଗ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। 'ବିକାଶ ଓଡ଼ିଶା ଓ ବିକାଶ ଭାରତ' ଉପରେ ବିଶିଷ୍ଟ ଶିକ୍ଷାବିତ ସଚ୍ଚିଦାନନ୍ଦ ମିଶ୍ର ଓ ସୀମାନ୍ତିକା ଦାସ ଓ ରାମଦାସ ପଣ୍ଡା ପ୍ରମୁଖ ଯୁବବର୍ଗଙ୍କୁ ଉତ୍ସାହିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ଶତନାମୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଟ୍ରଷ୍ଟ ଶିକ୍ଷକ ସୁନୀଲ ସାଗର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମାସୁଦ ଆଲାମ ଧନ୍ୟବାଦ ଦେଇଥିଲେ।

**ସମ୍ବଲପୁର:** ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବାସଂସ୍ଥା ତରଫରୁ ଜାତୀୟ ଯୁବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଉତ୍ସବରେ ଓଡ଼ିଆ ବିଭାଗର ଅଧ୍ୟାପକ ଅଖିଳ ବିଶ୍ୱାଳ ଆଲୋଚକ ଭାବରେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ କଠୋର ଏବଂ ଦୁର୍ଗମ ଜୀବନ ଯାତ୍ରାର ବିବରଣୀ ପ୍ରଦାନ କରିବା ସହିତ ଚିକାଗୋ ଧର୍ମ ସମ୍ମିଳନୀର ଉଦ୍ଦେଶ୍ୟ, ଏଥିରେ ସ୍ୱାମୀଜୀଙ୍କ ଅଭିଭାଷଣର ମର୍ମାର୍ଥ ଏବଂ ଭାରତୀୟ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ ପ୍ରାରମ୍ଭିକ ସମ୍ଭାଷଣରେ ଭାରତୀୟ ଜୀବନଚର୍ଯ୍ୟା ଏବଂ ଯୁବସମାଜର ସାମର୍ଥ୍ୟର ସକାରାତ୍ମକ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସଂଯୋଜକ ସୁଶାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ରାଜକିରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ନାକଟିଦେଉଳ:** ନାକଟିଦେଉଳ ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ବିଜୟ ସାହୁଙ୍କ ପରିଚାଳନାରେ ଜୟନ୍ତୀ ସଭାରେ ବିବେକାନନ୍ଦଙ୍କ ବାଲ୍ୟ ଜୀବନ ତଥା ଭାରତୀୟ ନବ ଜାଗରଣରେ ତାଙ୍କର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ମମତା ଦେହୁରୀ, ସୁଶାନ୍ତ ବିଶ୍ୱାଳ, ମଧୁସ୍ମିତା ରଣା, ସୁଭାଷ ସାହୁ, ମନସ୍ୱିନୀ ସାହୁ, କେଶବ ସାହୁ, କଲ୍ୟାଣୀ ସାହୁ, ନିରୁପମା ସାହୁ, ଦେବଯାନୀ ପ୍ରଧାନ, ଗୀତାଞ୍ଜଳି ଦାଶ ଓ ସାଗରିକା ପ୍ରଧାନ ଯୋଗଦେଇଥିଲେ। ଅବସରରେ ଅନୁଷ୍ଠାନର ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।







## ରଞ୍ଜନ ସାଗରଙ୍କୁ ଇଣ୍ଟରନ୍ୟାସ୍‌ନାଲ ଆଇକନ୍ ଆୱାର୍ଡ

**ସମ୍ବଲପୁର, ୧୨।୧(ସମିସ):** ଗିନିଜ ଇଣ୍ଟରନ୍ୟାସନାଲ ରେକର୍ଡ ତରଫରୁ ବରଗଡ଼ ଜିଲ୍ଲା ଗୁଦେରପାଲି ଗ୍ରାମର ରଞ୍ଜନ ସାଗରଙ୍କୁ ଇଣ୍ଟରନ୍ୟାସନାଲ ଆଇକନ୍ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। ସେ ଏକାଧାରରେ ଜଣେ ବହୁଭାଷୀ କବି, ହାସ୍ୟଲେଖକ, ଗୀତିକାର ଏବଂ ସାମାଜିକ କର୍ମୀ ଭାବରେ ଅଞ୍ଚଳରେ ବେଶ ପରିଚିତ। ତାଙ୍କର ଅଭିନବ ଲେଖା ମାଧ୍ୟମରେ ଆନ୍ତର୍ଜାତିକ କ୍ଷେତ୍ରରେ ସେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କର ଲେଖା ବିଦେଶୀ ସାହିତ୍ୟିକ ପତ୍ରିକା ଇଟାଲୀ, ୟୁଏସଏ, ଜର୍ମାନୀ, ସ୍ପେନ, ବୋସନିଆ, ହର୍ଜେଗୋଭିନା ତଥା ଚୀନ, ନିୟୁର୍କ, ଢାକା ଓ ବାଂଲାଦେଶ ଖବରକାଗଜରେ ଇଂରାଜୀ କବିତା ସ୍ଥାନ ପାଇଛି। ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେ ଉଭୟ ଲେଖନୀ ଏବଂ ସେବାରେ ନିଆରା ଭୂମିକା ଗ୍ରହଣ କରିଛନ୍ତି। ପଶ୍ଚିମାଞ୍ଚଳର ନାମିଦାମୀ ପ୍ରଯୋଜକ ସଂସ୍ଥା ପାଣିନୀ ପ୍ରାଜ୍ଞ ପ୍ରଡକ୍ସନ, ଯୋଯୋ ଯେ ୫ ପ୍ରଡକ୍ସନ, ମି. ଡୋଲୁ କମେଡି ଓ ମି. ଚାନ୍ଦ କମେଡି ଆଦି ସୁନାମଧନ୍ୟ ପ୍ରଡକ୍ସନରେ ସେ ହାସ୍ୟ ଲେଖକ ଭାବରେ କାମ କରିଛନ୍ତି। ଲେଖନୀ ବ୍ୟତୀତ ସେ ସମାଜରେ ଅବହେଳିତ ତଥା ନିଷ୍ପେସିତ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ସମାଜସେବା କାର୍ଯ୍ୟ ମଧ୍ୟ କରନ୍ତି। ନିଜର ଲେଖା ପାଇଁ ସେ ପଶ୍ଚିମ ଓଡ଼ିଶା, ରାଜ୍ୟ ତଥା ଭାରତ ବାହାର ଦେଶ ଦକ୍ଷିଣ ଆଫ୍ରିକା, କେନିଆ ଓ ଚିତାଗଙ୍ଗ ଦେଶରେ ସାହିତ୍ୟ କ୍ଷେତ୍ରର ଅବଦାନ ପାଇଁ ସମ୍ମାନିତ ମଧ୍ୟ ହୋଇଛନ୍ତି।



## ଦଧିବାମନ କଲ୍ୟାଣମଣ୍ଡପରେ ଭାଗବତ ସପ୍ତାହ

**ସମ୍ବଲପୁର, ୧୨।୧(ସମିସ):** ମହାନ୍ତିପଡ଼ାସ୍ଥିତ ଦଧିବାମନ କଲ୍ୟାଣମଣ୍ଡପରେ ରବିବାର ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ପ୍ରବଚକ ଭାବେ ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ଯୋଗଦେଇଛନ୍ତି। ରଜନୀ ରାଣୀ ମହାନ୍ତିଙ୍କ ସ୍ମୃତିରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କର ପୁତ୍ର ପ୍ରଣବ ମହାନ୍ତି ଏବଂ ପୁତ୍ରବଧୂ କଳ୍ପନା ମହାନ୍ତି କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଅତିଥି ଭାବେ ପୂର୍ବତନ ସାଂସଦ ପ୍ରମିଳା ବହିଦାର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହନ୍ତ ଅଦ୍ୱୈତ ଚରଣ ଦାସ ମହାରାଜଙ୍କ ବିୟୋଗରେ ତାଙ୍କର ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ସ୍ୱର୍ଗତ ମହନ୍ତ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସମ୍ବଲପୁର କଳା ଏକାଡେମୀର ବାର୍ଷିକ ଉତ୍ସବ

### ଚିତ୍ରଶିଳ୍ପୀ ଲୀନା ମେହେରଙ୍କୁ କଳା ଏକାଡେମୀ ସମ୍ମାନ




**ସମ୍ବଲପୁର, ୧୨।୧(ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ରବିବାର ସମ୍ବଲପୁର କଳା ଏକାଡେମୀର ୩୧ତମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ଓ ନାଟ୍ୟକାର ଏବଂ ସଙ୍ଗୀତ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଯୋଗଦେଇଥିଲେ। ଅବସରରେ ଝରଣା ସାହୁ ଓ ରୋଶନୀରାଣି ଖମାରୀଙ୍କୁ ଏକାଡେମୀ ସମ୍ମାନ ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ଲୀନା ମେହେରଙ୍କୁ କଳା ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି। କରୁଣାକର ଶତପଥୀ ମାନପତ୍ର ପାଠ କରିଥିଲେ। ସ୍ମୃତି ମିଶ୍ର, ଅଦ୍ୱେତା ମିଶ୍ର ଓ ଆକାଂକ୍ଷା ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ସଭାକୁ ଜ୍ୟୋତିର୍ୟାଦିତ୍ୟ ମହାନ୍ତି ସଂଯୋଜନା କରିଥିଲେ। ସୁବ୍ରତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆକୃତୀ ଦାସ ଧନ୍ୟବାଦ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ ମାଝୀ, ଗୌରୀଦାସ ପଣ୍ଡା, ରଞ୍ଜିତ ରଥ, ବଳରାମ ହୋତା, ଆୟୁଷ୍ମାନ ଦାସ, କୁଳଦୀପ ବର୍ମା, ଦେବେନ୍ଦ୍ର ସାହୁ, ନିବେଦିତା ଦାଶ, ଶିବାନୀ ଭୋଇ, ଶିଳ୍ପୀରାମ, ଇତିଶା ମହାପାତ୍ର, ଶୁଭମ ନାୟକ, ପଙ୍କଜ ଠାକୁର ଓ ଅଭିଷେକ ବିଶ୍ୱାଳ ସହଯୋଗ କରିଥିଲେ।

## ବାବୁ ହରଦାଶଙ୍କ ମହାପରିନିର୍ବାଣ ଦିବସ

**ସମ୍ବଲପୁର, ୧୨।୧ (ସମିସ):** ସମ୍ବଲପୁର ସାମ୍ବାଦିକ ଭବନରେ ବିକଳ୍ପ ଓଡ଼ିଶା ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଜୟଭୀମ ସ୍ଲୋଗାନର ଜନକ ହରଦାଶ ଲକ୍ଷ୍ମଣ ରାଓ ନାଗରାଲେ (ବାବୁ ହରଦାଶ) ଙ୍କ ୮୬ ତମ ମହାପରିନିର୍ବାଣ ଦିବସ ପାଳନ କରାଯାଇଛି। ଶାଖାପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାବୁ ହରଦାଶଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଏବଂ ସମ୍ମାନିତ ଅତିଥି ଭାବରେ ବିକଳ୍ପ ଓଡ଼ିଶାର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ମିଶ୍ର, ବିକଳ୍ପ ଓଡ଼ିଶାର ରାଜ୍ୟ ଉପସଭାପତି ନିହାଲ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ମଲ୍ଲିକ, ଜିଲ୍ଲା ସଭାପତି ସୁବାସ ନାଏକ, ରାଜ୍ୟ ଯୁବ ସଭାପତି ଲିପୁନ ଓ ଏମ୍‌ଡି ମୁସ୍ତିକିମ ପ୍ରମୁଖ ମଞ୍ଚାସିନ ରହିଥିଲେ। ବିକଳ୍ପ ଓଡ଼ିଶାର ଜିଲ୍ଲା ସଂଗଠନ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଆଗାମୀ ଦିନରେ ବିକଳ୍ପ ଓଡ଼ିଶା ନିଜର ପ୍ରଭାବ ଯେପରି ଯାହିର କରିପାରିବ ସେନେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ସମାଜସେବୀ ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।

## କୁମ୍ଭମେଳା ପାଇଁ ସମ୍ବଲପୁରରୁ ଅଯୋଧ୍ୟା ଗଡ଼ିଲା ବସ୍

### ସପ୍ତାହକୁ ୨ ଥର ବସ୍ ସେବା



**ସମ୍ବଲପୁର, ୧୨।୧(ସମିସ):** ପ୍ରୟାଗରାଜ କୁମ୍ଭମେଳା ଦେଖିବା ପାଇଁ ସମ୍ବଲପୁରବାସୀଙ୍କୁ ଆଉ ଟ୍ରେନ୍ ଟିକଟକୁ ଅପେକ୍ଷା କରିବାକୁ ପଡ଼ିବନି। ସିଧାସଳଖ ବସ୍‌ରେ ଯାଇ କୁମ୍ଭମେଳା ଓ ଶ୍ରୀରାମ ଲାଲାଙ୍କୁ ଦର୍ଶନ କରି ପୁଣି ସମ୍ବଲପୁର ଫେରି ପାରିବେ ଅଞ୍ଚଳବାସୀ। ଏଥି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଏସ୍‌ଆରଟିସି ବସ୍‌ର ସୁବିଧା କରାଯାଇଛି। ସମ୍ବଲପୁରରୁ ସିଧାସଳଖ ଅଯୋଧ୍ୟାକୁ ରବିବାର ସ୍ଥାନୀୟ ଅଇଁଠାପାଲି ବସ୍‌ଷ୍ଟାଣ୍ଡରୁ ବସ୍‌ସେବା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଯୋଗଦେଇଥିଲେ। ପ୍ରାଥମିକସ୍ତରରେ ଏହି ବସ୍ ସେବା ସପ୍ତାହକୁ ୨ ଥର ଆରମ୍ଭ ହୋଇଛି। ପୁରଷଙ୍କ ପାଇଁ ୬୧୬୭ ଟଙ୍କା ଭଡ଼ା ରହିଥିବା ବେଳେ ମହିଳାଙ୍କ ପାଇଁ ଏହା ୩୯୯୬ ଟଙ୍କା ରହିଛି। ସମ୍ବଲପୁରରୁ ସକାଳ ୯ଟା ୩୦ରୁ ବସ୍ ବାହାରି ଝାରସୁଗୁଡ଼ା, ସୁନ୍ଦରଗଡ଼, ରାଉରକେଲା, ବୀରମିତ୍ରପୁର, ବାରଣାସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟାରେ ପରଦିନ ୧୨ଟା ୩୦ରେ ପହଞ୍ଚିବ। ଯାତ୍ରୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ସୁବିଧା ସବୁ ଯୋଗାଇଦିଆଯିବ। ଦୁଇ ଚାଳକ, ଓସ୍‌ଆରଟିସିର କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ବଡ଼ମାଲ ଲୋକ ମହୋତ୍ସବ 'ଦହନା'

# ଲୋକନୃତ୍ୟ ଓ ଗୀତରେ ବିଭୋର ହେଲେ ଦର୍ଶକ

**ରେଢ଼ାଖୋଲ, ୧୨।୧(ସମିସ)**



ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡ଼ମାଲ ଗ୍ରାମର ଟିକିରା ଗୋସାଇଁ କ୍ଲବ ଆନୁକୂଲ୍ୟରେ ବଡ଼ମାଲ ଲୋକ ମହୋତ୍ସବ 'ଦହନା' ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମର ଜଗନ୍ନାଥ ମନ୍ଦିର ଓ ଟିକିରାଗୋସାଇଁ ପୀଠରେ ପୂଜାର୍ଚ୍ଚନା କରି ସାଂସ୍କୃତିକ ଶୋଭାଯାତ୍ରା କରାଯାଇଥିଲା। ସଭାପତି ଧର୍ମଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ମଞ୍ଚରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏବଂ ପୂର୍ବତନ ମନ୍ତ୍ରୀ ଇଂ.ରୋହିତ ପୂଜାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପାଧ୍ୟକ୍ଷ ଚିନ୍ମୟୀ ତ୍ରିପାଠୀ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲା, ବୀରମହାରାଜପୁର ଜିଲ୍ଲା ପରିଷଦ ସଭ୍ୟ ଲବ ସାହୁ, ଉଦୀତ ତ୍ରିପାଠୀ, ରେଙ୍ଗାଲି ସରପଞ୍ଚ ସୈରନ୍ଧ୍ରି ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସ୍ୱେଚ୍ଛାସେବୀ ଅମର ତାଣ୍ଡିଆ, ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ, ଫାଣ୍ଡି ଅଧିକାରୀ ତପନ ପ୍ରଧାନ, ଅଧିକ୍ଷଣ ଯନ୍ତ୍ରୀ ବିରେନ୍ଦ୍ର ଜଗତ, ରାଜେଶ ଜଗତ, ଶିକ୍ଷକ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସ୍ଥାନୀୟ କଳାକାରଙ୍କ ସମେତ ବଲବସପୁରର ଘୁବକୁଡୁ ନୃତ୍ୟ, ବରଗଡ଼ର କଳାଜୀବୀର ପଦ୍ମଶ୍ରୀ ଖଟେଇ ଓ ସାଥିଙ୍କ ଦ୍ୱାରା ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏହାସହିତ ମଞ୍ଚରେ ପ୍ରସିଦ୍ଧ ଗାୟିକା ସୁଜ୍ଞାନି ମହାପାତ୍ର, ଆଶିଷ କୁମ୍ଭାର, ଆଲିଶା ଦାସ ଓ କରନ ରାଜ ପ୍ରମୁଖଙ୍କ ସମ୍ବଲପୁର ଗୀତ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବିଭୋର କରିବାସହ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ସୁବ୍ରତ ତ୍ରିପାଠୀ, ଚିନ୍ମୟ ପ୍ରଧାନ, ଉଗ୍ରେସନ ଜଗତ, ଅମନ ହୋତା ଓ ସମ୍ବଲପୁର ଜିଲ୍ଲା ଡ୍ରାଇଭର ମହସଂଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବ୍ରତ ତ୍ରିପାଠୀ ଓ ରିୟା ପାଢ଼ୀ ମଞ୍ଚ ପରିଚୋଳନା କରୁଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଟିକିରାଗୋସାଇଁ କ୍ଲବର ସଦସ୍ୟ ସମେତ ଦୀପକ ସାହୁ, ଶରତ ପ୍ରଧାନ, ରାଜକିଶୋର ପ୍ରଧାନ, ସୁଜିତ ନନ୍ଦ, କୁନା ପ୍ରଧାନ ଓ ବିଜୟ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଷଡ଼ାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ କ୍ରିକେଟ କପ୍: ବଲାସିଂହା ଟିମ୍ ବିଜୟୀ

**ନାକଟିଦେଉଳ, ୧୨।୧(ସମିସ):** ନାକଟିଦେଉଳ ବ୍ଲକ ଅଧୀନ କତରାପାଲି ଗ୍ରାମରେ ସ୍ୱାମୀ ବିବେକାନନ୍ଦ କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ନୀଳାମ୍ବର ସାହୁ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ୮ଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ରବିବାର ପ୍ରଥମ ମ୍ୟାଚ ବଲାସିଂହା ଓ ଡୁମାମହୁଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାସିଂହା ଟିମ୍ ବିଜୟୀ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ସାହୁ ଓ ବିକାଶ ସାହୁ ଯୋଗଦେଇଥିବା ବେଳେ ବିବେକାନନ୍ଦ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ସରକାରୀ ବାଳିକା ହାଇସ୍କୁଲରେ ବାଲ୍ ଧନୁଯାତ୍ରା ଉଦ୍‌ଯାପିତ

# ମହିଳାମାନେ ସବୁବେଳେ ପୁରୁଷଙ୍କ ସହ ସମତୁଲ୍ୟ: କଂସ ମହାରାଜ





ବରଗଡ଼, ୧୨।୧(ସମିସ)

ବରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବରଗଡ଼ ସରକାରୀ ବାଳିକା ହାଇସ୍କୁଲ ପରିସରରେ ଚାଲିଥିବା ତ୍ରିଦିବସୀୟ ବାଲ୍ ଧନୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାଲ୍ ଧନୁଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଉପସ୍ଥିତ ରହି ଛାତ୍ରୀମାନଙ୍କର ଉଚ୍ଚକୋଟୀର ଅଭିନୟକୁ ପ୍ରଶଂସା କରି ମହିଳାମାନେ ସବୁବେଳେ ପୁରୁଷଙ୍କ ସହ ସମତୁଲ୍ୟ ବୋଲି ମତବ୍ୟକ୍ତ କରିଥିଲେ ।ମହିଳାମାନେ ମଧ୍ୟ ଆଗାମୀ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରି ପାରିବେ ବୋଲି ଦୃଢ଼ ମତ ବ୍ୟକ୍ତ କରିଥିଲେ ।ସ୍ୱତନ୍ତ୍ର ଅତିଥି ଭାବରେ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବିଦ୍ୟାଳୟର ପ୍ରଧା ଶିକ୍ଷୟିତ୍ରୀ ଶାନ୍ତି ସୁନା, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡଃ ସୁରେନ୍ଦ୍ର କୁମାର ସାହୁ, ଭେଡେନ ବ୍ଲକ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର କୁମାର ମଲ୍ଲିକ ଏବଂ ସୋହେଲା ବ୍ଲକ ଶିକ୍ଷା ଅଧିକାରୀ ଅମୃତା ସାହୁ ଯୋଗ ଦେଇଥିଲେ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ, ନକୁଳ ବାଦୀ, ସୁଗ୍ରୀବର ବିଶି, ଗୋପାଳ ମିଶ୍ର, ତୁଳାରାମ ମହାନନ୍ଦ, ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ରାମଚନ୍ଦ୍ର ସାହୁ ଏବଂ ଗଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ ବରଗଡ଼ ବାଳିକା ବିଦ୍ୟାଳୟର ୪୦ ଜଣ ଛାତ୍ରୀ ବାଲ୍ ଧନୁଯାତ୍ରାରେ ନିଖୁଣ ଭାବରେ ଅଭିନୟ କରି ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ଉଦ୍‌ଯାପନୀ ସଭାରେ ଛାତ୍ରୀମାନଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ।ଏଥିରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷାର୍ଥୀ କଂସ, କୃଷ୍ଣ ଓ ରାଧା ଭୂମିକାରେ ଭାଗ ନେଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜିଲ୍ଲାର ସମସ୍ତ କର୍ମଚାରୀଙ୍କ ସହଯୋଗରେ ବାଲ୍ ଧନୁଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ।

## ମାଣ୍ଡୋସିଲ ଅଞ୍ଚଳରେ ପୁଷପୁନି ତିହାର



**ମାଣ୍ଡୋସିଲ, ୧୨।୧(ସମିସ):** ପଶ୍ଚିମ ଓଡ଼ିଶାର ନିଆରା ପରବ ହଉଛେ ଫୁସପୁନିର ଛେର ଛେରା। ଏହି ପର୍ବଟି ପୌଷ ମାସ ପୂର୍ଣ୍ଣମୀ ଦିନ ସମସ୍ତ ପୁର ପଲ୍ଲୀ ଗାଁ ଗଣ୍ଡାରେ ପାଳନ ହୁଏ। ଏହି ଦିନ ସମସ୍ତଙ୍କ ଘରେ ଘରେ ପିଠାପଣା ମନ ପସନ୍ଦ ଅନୁସାରେ ପ୍ରସ୍ତୁତ ହୁଏ ତଥା ଆମିଷ ଭୋଜନ ମଧ୍ୟ ଲୋକେ ପ୍ରାୟ ଖାଇ ଥାନ୍ତି। ପୂର୍ଣ୍ଣମୀ ଦିନ ଭୋରରୁ ଗାଁର ଝାଙ୍କର ଗ୍ରାମ ଦେବତାଙ୍କୁ ପୂଜାପାଠ କରି ସାରିବା ପରେ ଗୌନ୍ତିଆ ଘରକୁ ଯାଇ ଥାଏ, ଛେର ଛେରା ମାଗିବା ପାଇଁ ତାଙ୍କୁ ପିଠା ପଣା, ଧାନ ଓ କିଛି ଟଙ୍କା ପଇସା ଦେଇଥାନ୍ତି ଛେର ଛେରା ଆକାରରେ ଗୌନ୍ତିଆ। ଏହାପରେ ଗାଁର ଛୋଟ ଛୋଟ ପିଲାମାନେ ଗୋଟିଏ ଗୋଟିଏ ବେଗ ଧରି ଦଳ ଦଳ ହୋଇ ବାହାରନ୍ତି ଛେର ଛେରା ମାଗିବା ପାଇଁ। ଯାହାର ଘରକୁ ଗଲେ କେହି ଛୁଆ ମାନଙ୍କୁ ମନା ନକରି ଖୁସିରେ ଧାନ, ପିଠା, ଟଙ୍କା ପଇସା ଖୁସିରେ ଦେଇ ଥାନ୍ତି। ଧନୀ ଗରିବ ସବୁ ଘରର ପିଲାମାନେ ମିଳି ମିଶି ଏକାଠି ବୁଲନ୍ତି ଓ ମଜା ଉଠାନ୍ତି। ବଡ଼ ବଡ ଲୋକେ ବାଜା ବଜାଇ ଦଣ୍ଡ ନୃତ୍ୟ କରି ମାଗୁ ଥିବା ବେଳେ ବୁଢ଼ା ବୁଢ଼ୀମାନେ ସମ୍ବଲପୁରୀ ଗୀତ ଗାଇ ଢଗ କହି ମଜା କରୁଥିବା ମାଣ୍ଡୋସିଲ ଅଞ୍ଚଳରେ ଦେଖାଯାଇଛି।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**ମାଣ୍ଡୋସିଲ, ୧୨।୧(ସମିସ):** ପାଇକମାଲ ବ୍ଲକ ଜାମସେଠ ଚେରେଙ୍ଗାଝାଞ୍ଜି ଧାନମଣ୍ଡି ରାସ୍ତା ନିକଟରେ ବାଇକ୍‌ରେ ପଡ଼ି ପତ୍ରାଗୁଡା ଗାଁର ଭୁଜବଳ ତାଣ୍ଡି(୫୨) ଗୁରୁତର ହୋଇଛନ୍ତି ।ସନ୍ଧ୍ୟାରେ ପାଇକମାଲରୁ ଆସୁଥିଲେ ।ଚେରେଙ୍ଗାଝାଞ୍ଜି ମହାବନ୍ଧ ନିକଟରେ ଥିବା ବିଜୁ ଏକ୍ସପ୍ରେସ୍ ୱେ ରାସ୍ତାରେ ବାଲି ଯୋଗୁଁ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ସେହି ବାଟରେ ଆସୁଥିବା ଜାମସେଠ ଗାଁ ଜିତୁନ ପଟ୍ଟନାୟକ ତାକୁ ଉଠାଇ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଡାକ୍ତରଖାନା ପଠାଇ ପରିବାରବର୍ଗ ସୂଚନା ଦେଇଥିଲେ। ସେହି ସ୍ଥାନରେ ବାଲି ରହୁଥିବାରୁ ଦୁର୍ଘଟଣା ଘଟୁଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପୋଲ ଉପରୁ ଓଲଟିଲା ଟ୍ରାକ୍ଟର

**ପାଇକମାଲ, ୧୨।୧(ସମିସ):** ପାଇକମାଲ ଥାନା ବରତୁଣ୍ଡା ପଞ୍ଚାୟତ ନିଲାଥର ନଦୀରେ ନିର୍ମାଣ ହେଉଥିବା ପୋଲ ଉପରୁ ଟ୍ରାକ୍ଟର ଓଲଟି ପଡ଼ିଛି ଅଳ୍ପକେ ବର୍ତ୍ତିଛନ୍ତି ଡ୍ରାଇଭର ।ସୂଚନାଯୋଗ୍ୟ ରବିବାର ନିର୍ମାଣ କାମରେ ଲାଗିଥିବା ଟ୍ରାକ୍ଟରକୁ ଡ୍ରାଇଭର ପମ୍ପ ସାହାଯ୍ୟରେ ଚାଲୁ କରୁଥିବା ସମୟରେ ହଠାତ୍ ଟ୍ରାକ୍ଟର ଚାଲୁ ହୋଇ ଗଡ଼ି ଯାଇ ତଳେ ପଡ଼ିଯାଇଥିଲା ଯାହା ଫଳରେ ଡ୍ରାଇଭର ଛଡରେ ଝୁଲିପଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଡାକ୍ତରଖାନାକୁ ପଠାଇଥିଲେ।

## ଧାନମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ବୁଝିଲେ ସାଂସଦ



**ପଦ୍ମପୁର, ୧୨।୧(ସମିସ):** ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଷୀଙ୍କ ପାଇଁ ଧାନମଣ୍ଡି ଖୋଲା ଯାଇଥିବା ବେଳେ କେତେକ ମଣ୍ଡିରେ ଚାଷୀ ଅନେକ ସମସ୍ୟା ଭୋଗୁଥିବା ଖବର ସାମ୍ନାକୁ ଆସୁଛି। ଏଭଳି ସ୍ଥିତି ଅନୁଧ୍ୟାନ କରି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ରବିବାର ବରଗଡ଼ ସାଂସଦ ସ୍ଥାନୀୟ ଚାଷୀଙ୍କ ଅଭିଯୋଗକ୍ରମେ ପଦ୍ମପୁର ଉପଖଣ୍ଡ ଜମଲା ଧାନମଣ୍ଡି ପରିଦର୍ଶନ କରିଥିଲେ। ଧାନବିକ୍ରି ପାଇଁ ଉଦ୍ଦିଷ୍ଟ ଟୋକନ୍ ଲାପ୍ସ ହେବାକୁ ବସିଲାଣି କିନ୍ତୁ ଚାଷୀଙ୍କ ଧାନ ଉଠୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ପଦ୍ମପୁର ଉପଖଣ୍ଡ ଜମଲା ମଣ୍ଡିରେ ପ୍ରାୟ ୫ ହଜାର ବସ୍ତା ଧାନ ବାହାରେ ପଡ଼ି ରହିଥିବା ଚାଷୀ ଅଭିଯୋଗ କରିଥିଲେ। ସେହିପରି ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲର୍‌ଙ୍କ ମନମୁଖୀ ନୀତି ଯୋଗୁଁ ତଥା ଧାନ ନେବା ପାଇଁ ଗାଡ଼ି ନଆସିବା ଓ କଟ୍‌ନିଛଟ୍ ହେଉଥିବା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସାଂସଦ ଶ୍ରୀ ପୁରୋହିତ ଅବ୍ୟବସ୍ଥାର ନିରାକରଣ ପାଇଁ ଯୋଗାଣ ବିଭାଗ ଅଧିକାରୀ ଓ ଜମଲା ପାକ୍ସର ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଜଣେ ହେଲେ ଚାଷୀ ଯେପରି ଧାନବିକ୍ରିରେ କୌଣସି ପ୍ରକାର ହଇରାଣ ନହୁଅନ୍ତି, ତା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଂସଦ ପୁରୋହିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କ୍ରମରେ ତାଗିଦ୍ କରିଛନ୍ତି। ଚାଷୀ ନିରାକାର ବରିହା, ବିଧାନସଭା ମିଡ଼ିଆ ସଂଯୋଜକ ନୀଳାଚଳ ଦରୁଆନ, ରାମ ବାଜପେୟୀ, ସୁରେନ୍ଦ୍ର ମହାପାତ୍ର, ଗଣେଶ ଭୋଇ, ଲକ୍ଷ୍ମୀକାନ୍ତ ଭୋଇ, ନାରାୟଣ ଦାସ, ଗୋପାଳ ବେହେରା, ଲିଙ୍ଗରାଜ ଶାଣ୍ଡ ଓ ମନୋଜ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଗାଁ ଗାଁରେ ଫୁସ୍‌ପୁନିର ଛେର୍‌ଛେରା



**ପାଇକମାଲ, ୧୨।୧ (ସମିସ):** ପଶ୍ଚିମ ଓଡ଼ିଶାର ଗୁଟେ ନିଆରା ପରବ ହଉଛେ ଫୁସପୁନିର ଛେର ଛେରା। ଏହି ପର୍ବ ପୌଷ ପୂର୍ଣ୍ଣମୀ ଦିନ ସମସ୍ତ ପୁର ପଲ୍ଲୀ ଗାଁ ଗଣ୍ଡାରେ ପାଳନ ହୁଏ ।ଏହା ଏକ ନିଆରା ପର୍ବ, ଏଥିରେ ସାଜଶଯ୍ୟା ନାହିଁ କି ପୂଜାପାଠ ନାହିଁ, ଖାଇବା ପିଇବା, ମଜା ମଜଲିସ କରିବା ଭଳି ସୁନ୍ଦର ତିହାର। କିଛି ବର୍ଷ ଆଗରୁ ଚାଷୀ ଓ ମହାଜନମାନେ ବର୍ଷ ତମାମ ଲୋକଙ୍କୁ ନିଜ ଘରେ ରଖି ବନ୍ଧୁଆ ଶ୍ରମିକ ଭାବେ ଖଟାଉ ଥିଲେ ।ପୌଷ ପୂର୍ଣ୍ଣମୀ ଦିନ ଶ୍ରମିକମାନଙ୍କ ଏକ ବର୍ଷ ପୂରିଯାଉଥିଲା ଏହି ପୂର୍ଣ୍ଣମୀ ଦିନ ବନ୍ଧୁଆ ଶ୍ରମିକଙ୍କୁ ମୁକ୍ତି ମିଳୁଥିଲା। ତେଣୁ ଶ୍ରମିକମାନେ ଏହି ପୂର୍ଣ୍ଣମୀକୁ ଫୁସପୁନି ବୋଲି ମାନୁଥିଲେ। ଏହି ଦିନ ସମସ୍ତ ଙ୍କ ଘରେ ଘରେ ପିଠା ପଣା ମନ ପସନ୍ଦ ଅନୁସାରେ ପ୍ରସ୍ତୁତ ହୁଏ ତଥା ଆମିଷ ଭୋଜନ ମଧ୍ୟ ଲୋକେ ପ୍ରାୟ ଖାଇଥାନ୍ତି। ପୂର୍ଣ୍ଣମୀ ଦିନ ଭୋରରୁ ଗାଁର ଝାଙ୍କର ଗ୍ରାମ ଦେବତାଙ୍କୁ ପୂଜାପାଠ କରି ସାରିବା ପରେ ଗୌନ୍ତିଆ ଘରକୁ ଯାଇ ଥାଏ, ଛେର ଛେରା ମାଗିବା ପାଇଁ ତାଙ୍କୁ ପିଠା ପଣା, ଧାନ ଓ କିଛି ଟଙ୍କା ପଇସା ଦେଇଥାନ୍ତି ଛେର ଛେରା ଆକାରରେ ଗୌନ୍ତିଆ ।ଏହାପରେ ଗାଁର ଛୋଟ ଛୋଟ ପିଲାମାନେ ଗୋଟିଏ ଗୋଟିଏ ବେଗ ଧରି ଦଳଦଳ ହୋଇ ଛେର ଛେରା ମାଗିବା ପାଇଁ ବାହାରନ୍ତି। ଯାହାର ଘରକୁ ଗଲେ କେହି ଛୁଆ ମାନଙ୍କୁ ମନା ନକରି ଖୁସିରେ ଧାନ, ପିଠା, ଟଙ୍କା ପଇସା ଖୁସିରେ ଦେଇଥାନ୍ତି। ବଡ଼ ବଡ ଲୋକେ ବାଜା ବଜାଇ ଦଣ୍ଡ ନୃତ୍ୟ କରି ମାଗୁ ଥିବା ବେଳେ ବୁଢ଼ା ବୁଢ଼ୀମାନେ ସମ୍ବଲପୁରୀ ଗୀତ ଗାଇ ଢଗ କହି ମଜା କରୁଥିବା ଦୃଶ୍ୟ ପାଇକମାଳରେ ଦେଖା ଯାଇଥିଲା। ସେହିପରି ଜର୍ଜଗଡ଼ ଗ୍ରାମରେ ଜଣେ ଝିଅ ପ୍ରିନସି ପ୍ରଧାନ ଛୋଟ ଛୋଟ ପିଲାଙ୍କୁ ଧାନ, ଚାଉଳ ପିଠା ସହ ଟଙ୍କା ପ୍ରତି ପିଲାଙ୍କୁ ତାର ଆଇ ସାଙ୍ଗରେ ଛେର ଛେରା ବାଣ୍ଟୁ ଥିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା।

## ଏଞ୍ଜେଲସ୍ ଏକାଡେମୀ କ୍ରିକେଟ ପ୍ରତିଯୋଗିତା



**ବରପାଲି, ୧୨।୧(ସମିସ):** ବରପାଲି ବ୍ଲକ ଚିକିନିପାଲି ଫାର୍ମ ହାଉସ ଖେଳପଡ଼ିଆରେ ଏଞ୍ଜେଲସ ଏକାଡେମୀର ଆନ୍ତଃ ବିଦ୍ୟାଳୟସ୍ତରିୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୋନପୁର ମେଣ୍ଡା ଆଶ୍ରମ ବିଦ୍ୟାଳୟ ସହକାରୀ ବିଜ୍ଞାନଶିକ୍ଷକ ତେଜରାଜ ମେହେର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଞ୍ଚାଳନ ମୁଖ୍ୟ ରୋହିତ ରୟ ଓ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ମିନତି ପ୍ରଧାନ ଅମ୍ପାୟାର ଆନନ୍ଦ ଛତ୍ରିଆ ଓ ବିନୋଦ ବଗର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ ଡୁଙ୍ଗୁରିପାଲି ଲିଟିଲ ଏଞ୍ଜେଲସ ପବ୍ଲିକ୍ ସ୍କୁଲ ବାଳକ କ୍ରିକେଟ ଦଳ ଅଧିନାୟକ ଜିତେନ୍ଦ୍ର ବେହେରା ଟସ ଜିଣି ବ୍ୟାଟିଂ ଆରମ୍ଭ କରିଥିଲେ। ଦଳ ମୋଟ ୪୧ ରନ ସଂଗ୍ରହ କରିଥିଲା। ପରେ ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ବାଳକ କ୍ରିକେଟ ଦଳ ପ୍ରିୟମ ପ୍ରଧାନଙ୍କ ଅଧିନାୟକତ୍ୱରେ ଖେଳାଳି ଦୁଇ ଓଭର ଓ ଦୁଇଟି ବଲରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରି ବିଜୟ ହାସଲ କରିଥିଲେ। ସେହିପରି ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ବାଳିକା କ୍ରିକେଟ ଦଳ ଅଧିନାୟିକା ଦେବଶ୍ରୀ ନାୟକଙ୍କ ନେତୃତ୍ୱରେ ଖେଳାଳି ୧୦ ଓଭରରେ ୧୨୮ ରନ ସଂଗ୍ରହ କରିଥିବା ବେଳେ ଡୁଙ୍ଗୁରିପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ବାଳିକା କ୍ରିକେଟ ଦଳ କ୍ୟାପଟନ ଅଲକା କୁମାରୀଙ୍କ ଦଳ ୧୦ ଓଭରରେ ୫୭ ରନ୍ ସଂଗ୍ରହ କରିଥିଲେ। ଶେଷରେ ଉଭୟ ବିଦ୍ୟାଳୟ କର୍ମକର୍ତ୍ତାଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ଲକ୍ଷ୍ୟ ରଖି ପ୍ରଥମେ ଡୁଙ୍ଗୁରିପାଲି ପକ୍ଷରୁ ରିଙ୍କୁ ଦର୍ଜୀଙ୍କ ନେତୃତ୍ୱରେ ବ୍ୟାଟିଂ ହେବା ସହିତ ୧୦ ଓଭରରେ ୧୪୩ ରନ ସଂଗ୍ରହ କରାଯାଇଥିଲା। ପ୍ରତିଦ୍ୱନ୍ଦି ଦଳ ବରପାଲି ପକ୍ଷରୁ ମୃତ୍ୟୁଞ୍ଜୟ ସାହୁଙ୍କ ଅଧିନାୟକତ୍ୱରେ ଦଳ ୧୦ଓଭରରେ ୧୧୩ରନ୍ ସଂଗ୍ରହ କରିଥିଲେ। ମ୍ୟାଚରେ ଡୁଙ୍ଗୁରିପାଲି ଦଳ ବିଜିତ ହୋଇଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବାଳିକା ବିଭାଗରୁ ପ୍ରତ୍ୟାଶା ତ୍ରିପାଠୀ ଓ ବାଳକ ବିଭାଗରୁ ସାହିଲ ଖେତି ଘୋଷିତ ହୋଇଥିଲେ। ବେଷ୍ଟ ଫିଲଡର ଭାବେ ସମ୍ବିତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ସଞ୍ଚାଳନ ମୁଖ୍ୟ ଓ ପ୍ରଶାସନିକ ଅଧିକାରୀ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପୁରନ୍ଦର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

■ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ୍ କପ୍

## କୋଲକତାକୁ ହରାଇଲା ୟୁନିୟନ୍ ସ୍ପୋର୍ଟିଂ କଟକ

**ପଦ୍ମପୁର, ୧୨।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପର ଦ୍ୱିତୀୟ ମ୍ୟାଚ୍‌ରେ ବିରାଟ କ୍ରିକେଟ ଏକାଡେମୀ କୋଲକାତା ଓ ୟୁନିଅନ ସ୍ପୋର୍ଟିଂ କଟକ ମଧ୍ୟରେ ହୋଇଥିଲା। କୋଲକାତା ଦଳ ପ୍ରଥମେ ଟସ୍ ଜିଣି କଟକ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ନିର୍ଦ୍ଧାରିତ ୩୦ ଓଭରରେ ଅଲଆଉଟ ହୋଇ ୨୦୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତି ୮୦ ରନ ଏବଂ ଅକ୍ଷୟ ସିଂ ୫୦ ରନ କରିଥିଲେ। କଲିକତା ପକ୍ଷରୁ ଅମନ ଆନନ୍ଦ ୫ୱିକେଟ ନେଇଥିଲେ। ଜବାବରେ କଲିକତା ଦଳ ୨୪.୧ ଓଭରରେ ମାତ୍ର ୧୪୩ ରନ ସଂଗ୍ରହ କରିଥିଲେ। ଫଳରେ ୬୫ ରନରେ କଟକ ଦଳ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ପଦ୍ମପୁର ଟ୍ରକ ମାଲିକ ସଂଘର ସମ୍ପାଦକ ହେମନ୍ତ ପଟ୍ଟନାୟକ ଓ ସଭ୍ୟ ବବଲୁ ସିଂ ଓ ଓଡ଼ିଆ ସିନେ ତାରକା ଆଦ୍ୟାଶା ବିଶ୍ୱାଳ ଯୋଗଦାନ ଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବରେ କଟକ ଦଳର ତାପସ ରାଉତକୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଦିନର ମ୍ୟାଚ୍ ଗୁଲବର୍ଗ ସିଟି ୧୧ କର୍ଣ୍ଣାଟକ ଓ କ୍ୟୁସିଆଇ ୱାରିଅର ଛତିଶଗଡ଼ ମଧ୍ୟରେ ହେବ। ମ୍ୟାଚ୍‌କୁ ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଏବଂ ସୁଶାନ୍ତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣି ପାଣ୍ଡେ ପ୍ରମୁଖ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ।

## ଭିଏସ୍‌ଏସ୍ କପ୍ କ୍ରିକେଟ୍: ସେମିରେ ବୁଧାପାଲି

**ପଦ୍ମପୁର, ୧୨।୧(ସମିସ):** ପଦ୍ମପୁର ନିକଟସ୍ଥ ବୁଧାପାଲି ମା'ଭାରତୀ ପଡ଼ିଆରେ ଚାଲିଥିବା ଭିଏସ୍‌ଏସ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆମ୍ବିହାଲକୁ ହରାଇ ବୁଧାପାଲି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ପରେ ସରପଞ୍ଚ ଚୈତନ୍ୟ ଲୁହା, ସତ୍ୟ କୁମାର ତୁରିଆ ଓ ସଞ୍ଜିବ ଦାଶ ଅତିଥି ରୂପେ ଯୋଗଦେଇ ବୁଧାପାଲି ଦଳର ଗୁପ୍ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଅନନ୍ତ, ଆକାଶ, ଆଦିତ୍ୟ ଓ ବସୁ ଅମ୍ପାୟରିଂ ଏବଂ ଅର୍ଜୁନ ଓ ବାବୁ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ ।ବିଜୟ ଓ ଅନୀଲ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜୟ, ପଞ୍ଚା, ମିଥୁନ, ନୀଲ, ବିକାଶ, ରାଜା ଓ ଭିଏସଏସ ସ୍ପୋର୍ଟିଂର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ। ଶେଷର ସଭାପତି ଲୋକନାଥ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନବପ୍ରଭାତ ବିଦ୍ୟାୟତନର ବାର୍ଷିକ କ୍ରୀଡ଼ା

**ପଦ୍ମପୁର, ୧୨।୧(ସମିସ):** ନବପ୍ରଭାତ ବିଦ୍ୟାୟତନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାଅନୁଷ୍ଠିତ ହୋଇଯାଇଛି ।ପ୍ରଥମ ଦିନ ମୁଖ୍ୟଅତିଥି ଭାବରେ ଡାକ୍ତର ରଜତ ସାହୁ ପଦ୍ମପୁର, ନବପ୍ରଭାତ ପବ୍ଲିକ ଚାରିଟେବଲ ଟ୍ରଷ୍ଟର ସଂରକ୍ଷକ ଦୟାନନ୍ଦ ଶର୍ମା, ଦକ୍ଷିଣ ଆଫ୍ରିକା, କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀଶିକ୍ଷକ ପ୍ରେମ ପ୍ରକାଶ ଶାସ୍ତ୍ରୀ ଏବଂ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।ମୁଖ୍ୟଅତିଥି ଭାବରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼.ଶ୍ରୀବତ୍ସ ଶାସ୍ତ୍ରୀ ନବପ୍ରଭାତ ପବ୍ଲିକ ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବାନ ଦେବ, ଅବସରପ୍ରାପ୍ତ ଶିକ୍ଷକ ଭାରତୀ ନନ୍ଦନ ବନ୍ଧୁ ଯୋଗଦାନ ଦେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ପୁରସ୍କୃତ କରାଯାଇଥିଲା। ପ୍ରତି ଗ୍ରୁପରୁ ଜଣେ ଲେଖାଏଁ ଚାମ୍ପିଅନ ଭାବରେ ପୁରସ୍କୃତ ହୋଇଥିଲେ। କ୍ରୀଡା ପ୍ରତିଯୋଗିତାର ଆୟୋଜକ ଥିଲେ ରବିଶଙ୍କର ପଧାନ ଏବଂ ଦେବାଶିଷ ନାୟକ ।ଶିକ୍ଷକଶିକ୍ଷୟିତ୍ରୀ ଏବଂବିଦ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବରଗଡ଼, ୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ବରଗଡ଼ ଗୋବିନ୍ଦପାଲି ଛକରେ ଥିବା ପ୍ରତିମୂର୍ତ୍ତିରେ ବରଗଡ଼ ସଚେତନ ନାଗରିକ ମଞ୍ଚ, ସରକାରୀ ବସ୍‌ଷ୍ଟାଣ୍ଡ ଗ୍ରୁପ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି ।ବିବେକାନନ୍ଦଙ୍କ ଓଜସ୍ୱ ବାଣୀ, ଯୁବାମାନଙ୍କୁ ମାର୍ଗ ଦର୍ଶନ ଉପରେ ଦେଇଥିବା ବାର୍ତ୍ତାକୁ ମନେ ପକାଇ ରାଜେନ୍ଦ୍ର ସିକନ୍ଦର ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ଏହି ଅବସରରେ ସାମ୍ବାଦିକ ବୀରେନ ପ୍ରଧାନ, ପୂର୍ବତନ ଉପନଗରପାଳ ଭରତ ମହାନ୍ତି, ଭବାନୀ ସାହୁ, ଚିତ୍ତରଞ୍ଜନ ମେହେର, ଟଙ୍କଧର ଭେସ୍ରା, ଶୟନ ପଣ୍ଡା, ବିମଳ ମହାନନ୍ଦ, ଲତିଫ ଖାନ, ସରୋଜ ନାଏକ, ରମେଶ ବେହେରା ବିଜୟ ମହାରଣା, ଲୋକେଶ ବାରିକ, ଜିଭି ରାଓ, ଗୋବିନ୍ଦ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ରହି ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ।



# ବରଗଡ଼ ପଞ୍ଚାୟତ କଲେଜରେ ପ୍ରବାସୀ ଭାରତୀୟ ଦିବସ

ବରଗଡ଼, ୧୨।୧(ସମିସ)




ବରଗଡ଼ର ପଞ୍ଚାୟତ କଲେଜର ଇଂରାଜୀ ବିଭାଗ ଦ୍ୱାରା ବକ୍ତୃତା (ଏକ୍ସଟ୍ରା ମୋରାଲ୍ ଲେକ୍‌ଚର୍)ର ଆୟୋଜନ କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଖ୍ୟାତ ଇଂରାଜୀ ପ୍ରଫେସର ଡକ୍ଟର କାଳିଦାସ ମିଶ୍ର କାର୍ଯ୍ୟକ୍ରମରେ ସାଧନ ବ୍ୟକ୍ତି ଭାବରେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଏବଂ ଦେବୀ ସରସ୍ୱତୀଙ୍କ ପୂଜା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ, ବରଗଡ଼ର ପଞ୍ଚାୟତ କଲେଜର ଅଧ୍ୟକ୍ଷ ଡ.ନକୁଳ ସେଠ୍ ପ୍ରବାସୀ ଭାରତୀୟ ଦିବସ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଇଂରାଜୀ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ବକ୍ତୃତା ବିଷୟର ପ୍ରାସଙ୍ଗିକତା ଏବଂ ପ୍ରବାସୀ ଦିବସ ସହିତ ଏହାର ସମ୍ପର୍କ ବିଷୟରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।'ଘରକୁ ପୁନଃପରିଦର୍ଶନ: ଭାରତୀୟ ପ୍ରବାସୀ ସାହିତ୍ୟ ଏବଂ ବିଶ୍ୱ ସାହିତ୍ୟରେ ଏହାର ଅବଦାନ'ବିଷୟ ଉପରେ ଅଭିଭାଷଣ ପ୍ରଦାନ କରି ପ୍ରଫେସର ମିଶ୍ର ଭାରତୀୟ ପ୍ରବାସୀ ଲେଖାର ସନ୍ଦର୍ଭ ଏବଂ ସୂକ୍ଷ୍ମତା ଉପରେ ଶ୍ରୋତାଙ୍କୁ ଅବଗତ କରିଥିଲେ। ପ୍ରବାସୀ ଯନ୍ତ୍ରଣାର ପ୍ରକୃତି ବିଷୟରେ ଆଲୋଚନା କରି ସେ ଏହି ସତ୍ୟ ଉପରେ ଆଲୋକପାତ କରିଥିଲେ ଯେ ଯଦିଓ ପ୍ରବାସୀମାନେ ଘରକୁ ଫେରିବା ଅତ୍ୟନ୍ତ କଷ୍ଟକର ମନେ କରନ୍ତି, ତଥାପି ସେମାନେ ବିଦେଶୀ ସଂସ୍କୃତିକୁ ଗ୍ରହଣ କରି ଏବଂ ସେମାନଙ୍କୁ ଏକ ବିସ୍ତୃତ ପରିବାରର ଅଂଶ କରି ବିଚ୍ଛିନ୍ନତା ଏବଂ ନିର୍ଜନତାର ଯନ୍ତ୍ରଣାକୁ ଦୂର କରିପାରିବେ ।ଇଂରାଜୀ ବିଭାଗର ଅତିଥି ଅଧ୍ୟାପକ ଡକ୍ଟର ଏନ ସୁମନ ସେଲି ଅତିଥିଙ୍କୁ ପରିଚୟ କରାଇଥିବା ବେଳେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଇଂରାଜୀ ବିଭାଗର ଅତିଥି ଅଧ୍ୟାପକ ଡକ୍ଟର ମହେଶ ଚନ୍ଦ୍ର ଦାଶ ପ୍ରଫେସର ମିଶ୍ର, ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ଙ୍କୁ ନେଇ ପାରସ୍ପରିକ ଆଲୋଚନା ଅଧିବେଶନ ପରିଚାଳନା କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ସ୍ୱପ୍ନରେ କୃଷ୍ଣଙ୍କୁ ଦେଖି କଂସ ବିଚଳିତ



**ବରଗଡ଼, ୧୨।୧(ସମିସ):** ଶ୍ରୀକୃଷ୍ଣ ବଳରାମ ମଥୁରାରେ ପହଞ୍ଚିବା ପରେ ନିଜର ଇଚ୍ଛା ଫଳବତୀ ହୋଇଯାଇଥିବାରୁ ରାଜ ଦରବାରରେ ସୁରାରେ ମତୁଆଲା ହୋଇ ମହାରାଜା କଂସ ନିଜର ଖୁସି ଜାହିର କରିଥିଲେ ମଧ ତାହା ଦୀର୍ଘ ସ୍ଥାୟୀ ହୋଇନଥିଲା। ଦରବାର ଚାଲିଥିଲେ ମଧ କୃଷ୍ଣ ଭୟ ରହି ତାଙ୍କୁ ଅସ୍ଥିର କରୁଥିଲା। ସ୍ୱପନେ ଜାଗରଣେ କୃଷ୍ଣଙ୍କୁ ଦେଖୁଥିବା କଂସ ମହାରାଜ କେତେବେଳେ ଅଟ୍ଟହାସ୍ୟ କରୁଥିଲେ ତ ଆଉ କେତେବେଳେ ଭୟାତୁର ହୋଇ ଉଠୁଥିଲେ।କୃଷ୍ଣ ସହିତ ମିଛ କଥା ହେଉଥିବାର ଜାଣି ମଧ ଭୟଭୀତ ହୋଇ ଆର୍ତ୍ତ ଚିତ୍କାର କରିଥିଲେ। କୃଷ୍ଣ ଓ ଛାୟାକଂସଙ୍କ ଅଭିନୟ ବେଶ ଆକର୍ଷଣୀୟ ହୋଇପାରିଥିବା ବେଳେ ସ୍ୱପ୍ନ ଦୃଶ୍ୟ ଦର୍ଶକମଣ୍ଡଳୀରେ ଶିହରଣ ଖେଳାଇ ଦେଇଥିଲା। ବିଳାସ ବ୍ୟସନକୁ ରାଜକୀୟ ଠାଣୀ ଭାବୁଥିବା କଂସ ଚିରାଚରିତ ଅଟ୍ଟହାସ୍ୟରେ ମହାମନ୍ତ୍ରୀ ଶତ୍ରାଜିତଙ୍କୁ ନୃତ୍ୟଗୀତର ଅୟୋଜନ ପାଇଁ ଆଦେଶ ଦେଇଥିଲେ।ଗୋପାଳକୃଷ୍ଣ ଦାଶଙ୍କ ସଂଯୋଜନାରେ ଏବଂ କମିଟିର ସଦସ୍ୟମାନଙ୍କ ସହଯୋଗରେ ଉଭୟ ରାଜଦରବାର ଓ ରଙ୍ଗ ମହଲରେ ରବିବାର ବରଗଡ଼ ଧନୁଯାତ୍ରାର ଦଶମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜୋରଦାର ହୋଇଥିଲା।











## କୃଷ୍ଣ-ବଳରାମଙ୍କୁ ମଥୁରାନଗରୀରେ ଭବ୍ୟ ସ୍ୱାଗତ





**ବରଗଡ଼, ୧୨।୧(ସମିସ):** ମନ୍ତ୍ରୀ ଅକ୍ରୁର ଶ୍ରୀକୃଷ୍ଣ-ବଳରାମଙ୍କୁ ସାଙ୍ଗରେ ମଥୁରା ନଗରୀକୁ ନେଇ ଆସିବା ପରେ ମଥୁରାବାସିଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ଖଜୁରଟିକ୍ରା ଆଦିମାତା ମଠରୁ ଦିନ ଦୁଇଟାରୁ ପୂଜା ହୋଇ ରଜକମାଲି, ଭିଏସଏସନଗର ନିବାସୀ ପ୍ରଦୀପ ମହାନ୍ତି ଘରେ ରେ ପୂଜା ଅର୍ଚ୍ଚନା ହୋଇଥିଲା। ତା ପରେ ଗଣେଶ ପ୍ରଧାନ ଘର ସାମ୍ନାରେ ପୂଜା ହୋଇ ଗାନ୍ଧୀ ଛକ ହୋଇ ନେହେରୁ କ୍ଲବ୍, ଯଦୁ ପ୍ରଧାନ ଗଳି ହୋଇ ପ୍ରସନ୍ନ ମିଶ୍ରଙ୍କ ଘରେ ପୂଜା ଅର୍ଚ୍ଚନା, ତା ପରେ କାଳୀ ମନ୍ଦିର କୁବୁଜା ଉଦ୍ଧାର, ଉତ୍କଳ ଗୌରବ ମଣ୍ଡପ, ମନାବନ୍ଧ ବାଟ ଦେଇ ପ୍ରଦୀପ ପ୍ରଧାନ, ଦୀପକ ପାତ୍ର, ନରେଶ ଅଗ୍ରୱାଲ, ସଞ୍ଚାର ମଣ୍ଡଳୀ ଦେଇ କୃଷ୍ଣ ଭକ୍ତ ବୃନ୍ଦାବନ ବିଶିଙ୍କ ଘରେ ଆଜି ରାତିରେ ବିଶ୍ରାମ ନେଇଛନ୍ତି।

# ଧନୁଯାତ୍ରା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ରାଜ ଅତିଥି



**ବରଗଡ଼, ୧୨।୧(ସମିସ):**

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ରବିବାର ୧୦ମ ଦିନରେ ରାଜ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ରାଜନୈତିକ ଜୀବନର ଏତେ ବର୍ଷ ପରେ ଆସିଲି ବହୁତ୍ ଖୁସି ଲାଗିଲା।ବହୁତ୍ ଦିନରୁ ଅପେକ୍ଷା କରିଥିଲି।ବରଗଡ଼ବାସୀଙ୍କ ସ୍ନେହ ତଥା ମହାରାଜ କଂସଙ୍କ ନିମନ୍ତ୍ରଣ ପାଇ ଆଜି ଆସି ସତରେ ବହୁତ୍ ଖୁସି ଲାଗିଲା।ସବୁଦିନ ପାଇଁ ଆଜିର ଦିନ ମୋର ଅଭୁଲା ସ୍ମୃତି ହୋଇ ରହିଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବରଗଡ଼ କଲ୍ୟାଣ ମଣ୍ଡପ ଠାରୁ ହାତୀ ଉପରେ ବସାଇ ଏକ ବିରାଟ ଶୋଭାଯାତ୍ରାରେ ମହାରାଜ କଂସଙ୍କ ରଙ୍ଗ ମହଲକୁ ଆସିଥିଲେ। ସାଙ୍ଗରେ ଥିଲେ ମହାରାଜଙ୍କ ପାତ୍ର ମନ୍ତ୍ରୀ। ଐତିହ୍ୟ ସମ୍ପନ୍ନ ମାଟି ବରଗଡ଼। ଏହି ମାଟିର କଳା, ସାହିତ୍ୟ, ସଂସ୍କୃତି ଜିଲ୍ଲାକୁ କରିଛି ଗୌରବାନ୍ୱିତ। ବରଗଡ଼ର ମୁକ୍ତାକାଶ ରଙ୍ଗମଞ୍ଚରେ ମଞ୍ଚସ୍ଥ ଲୋକନାଟକ ଧନୁଯାତ୍ରା ଆଜି ଏ ମାଟିକୁ ସମଗ୍ର ବିଶ୍ୱରେ ପରିଚିତ କରାଇପାରିଛି। ପ୍ରାଚୀନ ପରମ୍ପରା ଓ ଲୋକରୀତି ଆଧାରରେ ଧନୁଯାତ୍ରା ତା'ର ପାରମ୍ପରିକତାକୁ ବଜାୟ ରଖିବା ଅତ୍ୟନ୍ତ ଗୌରବର ବିଷୟ। ବରଗଡ଼ର ଐତିହ୍ୟ, ସଂସ୍କୃତି ତଥା ଜିଲ୍ଲାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଧନୁଯାତ୍ରାକୁ ଆହୁରି ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଧନୁଯାତ୍ରାର ଅନୁଦାନ ରାଶିକୁ ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଯାତ୍ରାର ସିଧାପ୍ରସାରଣ ଓ ବ୍ୟାପକ ପ୍ରଚାର ପ୍ରସାର ପାଇଁ ମଧ ସ୍ୱତନ୍ତ୍ର ବ୍ୟୟ ବରାଦ କରାଯାଇଛି। ଯାତ୍ରାରେ ଅଂଶଗ୍ରହଣ କରିଥିବା ପ୍ରମୁଖ ୧୭୦ ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ପ୍ରଦାନ କରାଯିବ।ଏଥି ସହିତ ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ ବିଶେଷଜ୍ଞ କମିଟି ଗଠନ ସହିତ ଧନୁଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ ପାଇଁ ଏକ ସମର୍ପିତ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ପ୍ରଥମ ଥର ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି ଏବଂ ବିଗତ ବର୍ଷ ମାନଙ୍କରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା କଳାକାର କିମ୍ବା ସେମାନଙ୍କ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମାଜସେବୀ ଡି ମୂରଲୀ କ୍ରିଷ୍ଣା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ମୀନା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ମହାରାଜ କଂସଙ୍କ ଦରବାରରେ୧୦ଜଣ ଧନୁଯାତ୍ରା କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ବରଗଡ଼ ଜିଲ୍ଲାର ସମସ୍ତ ଭାଇଭଉଣୀ, ସମସ୍ତ କଳାକାର ଓ ଏହି ମହୋତ୍ସବକୁ ସଫଳ ରୂପାୟନ ଦେବାକୁ ଉଦ୍ୟମ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରଭୁଙ୍କୁ ପାଖରେ ପାଇ ଧନ୍ୟ ହୋଇଗଲୁ



**ବରଗଡ଼, ୧୨।୧(ସମିସ):** ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ଶନିବାର ଶ୍ରୀକୃଷ୍ଣ ବଳରାମ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଆବାସିକ ବାସଗୃହକୁ ଯାଇଥିଲେ। ତାଙ୍କ ସହ ସମସ୍ତ ଗୋପାଳ ବାଳକମାନେ ମଧ ଯାଇଥିଲେ।ସମସ୍ତଙ୍କ ପାଦଧୋଇ ପୂଜାର୍ଚ୍ଚନା କରିଥିଲେ। ସରକାରୀ ଚାକିରି ଜୀବନ ଭିତରେ ଏମିତି ଏକ ସମୟ ଆସିବ ଆଉ ପ୍ରଭୁଙ୍କ ପାଦ ଆମ ଘରେ ପଡ଼ିବ କେବେ କଳ୍ପନା କରି ନଥିଲୁ। ଆଜି ଆମର ଏ ମଣିଷ ଜନ୍ମ ସାର୍ଥକ ହୋଇଗଲା। ପରିବାର ସମସ୍ତେ ପ୍ରଭୁଙ୍କୁ ଦର୍ଶନ କରି ଧନ୍ୟ ହୋଇଗଲୁ। କୃଷ୍ଣ-ବଳରାମ ଆସିବେ ବୋଲି ପରିବାର ସମସ୍ତେ ଅପେକ୍ଷା କରିଥିଲୁ ଆଉ ତାଙ୍କ ଆଶୀର୍ବାଦ ସବୁବେଳେ ସମସ୍ତଙ୍କ ଉପରେ ରହିଥାଉ ବୋଲି ବରଗଡ଼ ଉପ ଜିଲ୍ଲାପାଳଙ୍କ ଧର୍ମପତ୍ନୀ ସନ୍ଧ୍ୟା ରାଣୀ ରାଉତ କହିଛନ୍ତି। ବାପା କୃତାର୍ଥ ପାଣ୍ଡେ, ମାତା କୋଲାବତି ପାଣ୍ଡେ, ଉମ୍ବରଧର ପାଣ୍ଡେ, ଜନନୀ ରାଉତ ପ୍ରମୁଖ ପରିବାରର ସଦସ୍ୟ ଉପସ୍ଥିତ ଥିଲେ।

# ଟ୍ରାଫିକ୍ କଟକଣାରୁ ଲୋକେ ହଇରାଣ ; ଲକ୍ଷାଧିକ ଲୋକଙ୍କ ସମାଗମ



**ବରଗଡ଼, ୨।୧(ସମିସ):** ବରଗଡ଼ ସହରକୁ ଛାଡ଼ି ଅନ୍ୟସବୁ ଗ୍ରାମାଞ୍ଚଳରେ ଆଜି ଅଞ୍ଚଳର ପ୍ରମୁଖ ପର୍ବ ପୁଷ୍‌ପୁନି ଥିଲା। ସକାଳ ସମୟରେ ପ୍ରତ୍ୟେକ ଘରେ ପିଠା ପଣା ତିଆରି କରିବା ସହ ପରିବାର ଏକାଠି ଖାଇଥାନ୍ତି। ଏହି ପର୍ବ ମୁଖ୍ୟତଃ କୃଷି ଭିତ୍ତିକ ପର୍ବ। ଚାଷୀଭାଇମାନେ ନିଜର କଷ୍ଟ ଉପାର୍ଜିତ ଧାନ ଫସଲ ଘରକୁ ଆଣିବା ପରେ ଖୁସିରେ ପର୍ବ ପାଳନ କରିଥାନ୍ତି।ସକାଳେ ଘରେ ଖିଆ ପିଆ ସାରିଲା ପରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସିଥାନ୍ତି। ସହରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସୁଥିବାରୁ ଟ୍ରାଫିକ୍ କଟକଣା ଯୋଗୁଁ ଲୋକମାନେ ପରିବାର ସହ ଆସି ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହୋଇଛନ୍ତି।ଭଟଲି ଛକ, ଘୁଲିପାଲି ଛକ, ଗାନ୍ଧୀ ଛକ, ବିକାଶ ସ୍କୁଲ ଛକ, ଅମ୍ବା ପାଲି ଛକ ସମେତ ସହରସାରା ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ସହର ସବୁଆଡ଼େ ଟ୍ରାଫିକ୍ କଟକଣା ଯୋଗୁଁ ଧନୁଯାତ୍ରା ଦେଖିବାକୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

